ହଟିନି ନିର୍ବାଚନ ଆଚରଣ ବିଧି

# ଏଚ୍‌ଆଣ୍ଡଏ ବିଭାଗର ୨ ଗୁରୁତ୍ୱପୂର୍ଣ୍ଣ ପଦବି ପୂରଣ

**ଅନୁଗୋଳ, ୨୩।୫(ସମିସ)**

ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ଓଡ଼ିଶାର ଚେୟାରମ୍ୟାନ୍-କମ-ମ୍ୟାନେଜମେଣ୍ଟ ଡାଇରେକ୍ଟର (ସିଏମଡି) ଶ୍ରୀଧର ପାତ୍ରଙ୍କ କାର୍ଯ୍ୟକାଳ ଆସନ୍ତା ୩୧ ଅକ୍ଟୋବର ୨୦୨୪ରେ ଶେଷ ହେବାକୁ ଯାଉଛି। ଉକ୍ତ ପଦବୀ ପୂରଣ ପାଇଁ ୧ ବର୍ଷ ପୂର୍ବରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରାବନ୍ଧ

- ବରିଷ୍ଠଙ୍କ ବଦଳରେ କନିଷ୍ଠଙ୍କୁ ମିଳିଲା ପଦୋନ୍ନତି
- ନାଲ୍‌କୋର ନୂତନ ସିଏମ୍‌ଡି ନିଯୁକ୍ତି ପାଇଁ କେନ୍ଦ୍ରର ବିଜ୍ଞପ୍ତି




ଥିବା ବେଳେ ବିଳମ୍ବରେ ଚଳିତ ମାସରେ ଭାରତ ସରକାରଙ୍କ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ସିଲେକ୍ସନ ବୋର୍ଡ (ପି.ଇ.ଏସ.ବି) ଚଳିତ ମାସ ୨୧ ତାରିଖରେ ବିଜ୍ଞାପନ ଦେଇଛି। ୫ବର୍ଷିଆ ସ୍ଥାୟୀ ନିଯୁକ୍ତି ପାଇଁ ନିର୍ଦ୍ଦିଷ୍ଟ ଯୋଗ୍ୟତା ପୂରଣ କରୁଥିବା ଅଭିଜ୍ଞ ପ୍ରାର୍ଥୀଙ୍କଠାରୁ ଜୁନ ୧୮ ତାରିଖ ସୁଦ୍ଧା ଆବେଦନ ଲାଗି ମଗାଯାଇଛି। ସାରା ଦେଶରେ ଲୋକସଭା ଓ ଓଡ଼ିଶାରେ ବିଧାନସଭା ପାଇଁ ନିର୍ବାଚନୀ ବାତାବରଣ ସରଗରମ ହୋଇଥିବା ବେଳେ ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ ନବରତ୍ନ ମାନ୍ୟତାପ୍ରାପ୍ତ ଏକମାତ୍ର ରାଷ୍ଟ୍ରାୟାତ ଆଲୁମିନିୟମ ଉଦ୍ୟୋଗର ଶୀର୍ଷ ପଦବୀରେ ନିଯୁକ୍ତି ପାଇଁ ପି.ଇ.ଏସ.ବି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ଏବଂ ଏଥି ସହିତ ବିଜ୍ଞପ୍ତି ପ୍ରକାଶ ପାଇବାର ଦୁଇଦିନ ପୂର୍ବରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ କରାଯାଇଛି। ମୁଖ୍ୟାଳୟରେ ମାନବ ସମ୍ବଳ ଓ ପ୍ରଶାସନିକ ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଏଚଆଣ୍ଡଏ, ଇଡି) ସଞ୍ଜୟ ମିଶ୍ର ଓ ଅମୀୟ ପଟ୍ଟନାୟକଙ୍କ ପରେ ୪ବର୍ଷ ହେଲାଣି ଉକ୍ତ ପଦବୀ ଖାଲି ପଡିଥିଲା। ସେହି ସ୍ଥାନରେ କର୍ପୋରେଟ ଅଫିସରେ କାର୍ଯ୍ୟରତ ଜିଜିଏମ ଆଶୁତୋଷ ରଥଙ୍କୁ ଭାରପ୍ରାପ୍ତ ଇଡି ଭାବେ ନିଯୁକ୍ତି ମିଳିଛି। ସେହିଭଳି ଅନୁଗୋଳ ସ୍ଥିତ ନାଲକୋ ସ୍ମେଲ୍ଟର ଆଣ୍ଡ ପାୱାର କମ୍ପ୍ଲେକ୍ସର ଗୁରୁତ୍ୱପୂର୍ଣ୍ଣ ପଦବୀ ଏଚଆଣ୍ଡଏ ବିଭାଗର ଜିଜିଏମ ପଦବୀ ମଧ ପୂରଣ କରାଯାଇଛି। ଭାରପ୍ରାପ୍ତ ଜିଜିଏମ(ଏଚ ଆଣ୍ଡ ଏ) ଭାବେ ଶୁଭେନ୍ଦୁ କୁମାର ନାୟକଙ୍କୁ ଅବସ୍ଥାପିତ କରାଯାଇଛି। ଶ୍ରୀ ନାୟକ ୨୦ ତାରିଖରେ ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରମିକ ସଂଗଠନ, କର୍ମଚାରୀଙ୍କ ବିଭିନ୍ନ ଫୋରମରୁ ଶୁଭେଚ୍ଛାର ସୁଅ ଛୁଟୁଛି।

ସୂଚନାରୁ ପ୍ରକାଶ ଯେ, ବର୍ତ୍ତମାନର ସିଏମଡି ଶ୍ରୀଧର ପାତ୍ର ୨୦୧୭-୨୦୧୯ ନାଲକୋର ଡାଇରେକ୍ଟର ଫାଇନାନ୍ସ ପଦବୀରେ କାର୍ଯ୍ୟ ନିର୍ବାହ କରିଥିଲେ ଏବଂ ପରେ ନାଲକୋର ଶୀର୍ଷ ପଦ ସିଏମଡି ପଦବୀ ଅଧିକୃତ କରିଥିଲେ। ଶ୍ରୀ ପାତ୍ରଙ୍କ କାର୍ଯ୍ୟକାଳ ସମୟରେ ନାଲକୋ ଲଗାତାର ଭାବେ ରେକର୍ଡ ସଂଖ୍ୟକ ଲାଭ କରିଛି। ନାଲକୋର ବହୁ ସଫଳତା ସତ୍ତ୍ୱେ ବି ବିଭିନ୍ନ ସମସ୍ୟାରେ ନାଲକୋ ଛନ୍ଦି ହେଉଛି। ସାଧାରଣ ସମସ୍ୟାର ସମାଧାନ କରିବା ଦିଗରେ ପ୍ରାୟତଃ ମାନବ ସମ୍ବଳ ଓ ପ୍ରଶାସନ(ଏଚ ଆଣ୍ଡ ଏ)ବିଭାଗ ଗୁରୁତ୍ୱ ବହନ କରିଥାଏ। ମାତ୍ର ସେହି ବିଭାଗର ଦୁଇ ଉଚ୍ଚପଦବୀ ଦୀର୍ଘଦିନ ଖାଲି ପଡିଥିଲା। ଅନୁଗୋଳସ୍ଥ ସ୍ମେଲଟର ଆଣ୍ଡ ପାୱାର କମ୍ପ୍ଲେକ୍ସର ଜିଜିଏମ ଏମ.ପି. ସାମଲଙ୍କ ପରେ ସ୍ଥାୟୀ ନିଯୁକ୍ତି ହୋଇନାହିଁ। ୧୯୯୩ ବ୍ୟାଚର ଜିଏମଏସଏ ବସୁ ଜିଜିଏମ ଇନଚାର୍ଜ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ୨୦ ତାରିଖରେ ତାଙ୍କଠାରୁ ଦାୟିତ୍ୱ ଅପସାରଣ କରି ତାଙ୍କ ସ୍ଥାନରେ ୧୯୯୯ବ୍ୟାଚର ଜିଏମ ଶୁଭେନ୍ଦୁ କୁମାର ନାୟକଙ୍କୁ ଭାରପ୍ରାପ୍ତ ଜିଜିଏମ ଭାବେ ଅବସ୍ଥାପିତ କରାଯାଇଛି। ଶ୍ରୀ ନାୟକ ୧୯୯୩ରେ ନାଲକୋରେ ମେଟ୍ରୋଲୋଜି ଇଞ୍ଜିନିୟର ଭାବେ ନିଯୁକ୍ତି ପାଇଥିଲେ। ପରେ ସିଏମଡି ଅଂଶୁମାନ ଦାସଙ୍କ ସମୟରେ ଶ୍ରୀ ନାୟକ କ୍ୟାଡର ଚେଞ୍ଜ କରି ଏଚଆଣ୍ଡଏ ବିଭାଗର ବିଭିନ୍ନ ପ୍ରଶାସନିକ ପଦବୀରେ ରହି ଦାୟିତ୍ୱ ନିର୍ବାହ କରିଛନ୍ତି। ଚାକିରିରେ ବରିଷ୍ଠତା ଭିତ୍ତିରେ ଏସ ଏ ବସୁ, ଜିଏମ ଏଚ.ଆଣ୍ଡ.ଏ. (୧୯୯୩ ବ୍ୟାଚ), ଏମ ଟି ଜିଏମ (ଏଚ ଆର) ବିନୟ ଠାକୁର(୧୯୯୩ ବ୍ୟାଚ ), ଚନ୍ଦ୍ରମୋହନ ମହନ୍ତ (୧୯୯୭ ବ୍ୟାଚ)ସୁନୀଲ ମହାପାତ୍ର (ଲାଟେରାଲ ଏଣ୍ଟ୍ରି), ପି.କେ. ସାହୁ(ଲାଟେରାଲ ଏଣ୍ଟ୍ରି), ହିମାଂଶୁ ପ୍ରଧାନ (କର୍ପୋରେଟ ଜିଏମ ଏଚ ଆଣ୍ଡ ଏ), ସରୋଜ ପତ୍ର ଜିଏମ କର୍ପୋରେଟ ଏଚ ଆଣ୍ଡ ଏ), ଡ. ମିନାକ୍ଷୀ ପଣ୍ଡା, ସମ୍ବିତ୍ ପରିଡ଼ା ପ୍ରମୁଖ ବରିଷ୍ଠ ଅଧିକାରୀଙ୍କୁ ପଛରେ ପକାଇ ସେମାନଙ୍କଠାରୁ କନିଷ୍ଠଙ୍କୁ ପଦୋନ୍ନତି ମିଳିଛି। ମାନବ ସମ୍ବଳ ଓ ପ୍ରଶାସନିକ ବିଭାଗ ଉପରେ ନ୍ୟସ୍ତ କରୁଥିବା ସାମ୍ପ୍ରତିକ ପ୍ଲାଣ୍ଟ ପରିସ୍ଥିତି, କର୍ମଚାରୀ କଲ୍ୟାଣ, ବିସ୍ଥାପିତଙ୍କ ସମସ୍ୟା, ପେରିଫେରି ସମସ୍ୟା, ଠିକା ସଂସ୍ଥା ଓ ଠିକା କର୍ମଚାରୀଙ୍କ ସମସ୍ୟା, ପ୍ଲାଣ୍ଟ ଓ ଟାଉନସିପ ସୁରକ୍ଷା, ୟୁନିୟନ ଓ ଆସୋସିଏସନ ସହିତ ସଂପର୍କ ରଖିବା ଆଦି ପରିଚାଳନାରେ ନାଲକୋର ଭୂମିକା ସମୟ କହିବ। ବରିଷ୍ଠ ଅଧିକାରୀମାନେ କେମିତି ସମନ୍ୱୟ ରଖୁଛନ୍ତି, ଦେଖିବାକୁ ବାକି ରହିଲା ବୋଲି କର୍ମଚାରୀଙ୍କ ମହଲରେ ଆଲୋଚନା ହେଉଛି।

■ ଟ୍ରକ୍ ଓ ଟ୍ରଲର ମୁହାଁମୁହିଁ ଧକ୍କା

## ଗାଡ଼ି କାଟି ଚାଳକଙ୍କୁ ବାହାର କରାଗଲା



**ଅନୁଗୋଳ ୨୩।୫(ସମିସ):** ପୁଣି ଥରେ ୫୫ ଜାତୀୟ ରାଜପଥରେ ଦୁର୍ଘଟଣା। ଅନୁଗୋଳ ଜିଲ୍ଲା ନାଲକୋ ଟାଉନସିପ ବସଷ୍ଟାଣ୍ଡ ଠାରେ ଟ୍ରକ୍ ଓ ଟ୍ରଲର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଡ୍ରାଇଭର ଜଣକ ଟ୍ରକର ଷ୍ଟିୟରିଂ ଭିତରେ ଚାପି ହୋଇଯାଇଥିଲେ। ସୂଚନା ମୁତାବକ, ଅନୁଗୋଳରୁ ବଅଁରପାଳ ଯାଉଥିବା ଟ୍ରକ (ଓଡି ୧୯ ଡବ୍ଲୁ ୮୨୮୪) ବିପରୀତ ଦିଗରୁ ଆସୁଥିବା ଏକ ଟ୍ରଲର (ଏଚ ୦୫ ଡିଏ ୫୩୯୯) କୁ ଧକ୍କା ଦେଇଥିଲା। ଫଳରେ ଟ୍ରକର ଆଗପଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଡ୍ରାଇଭର ବିକ୍ରମ କୁମାର ଚୱାନ ଭିତରେ ଫସି ଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗକୁ ଫୋନ କରି ଡାକିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି କଟର ସାହାଯ୍ୟରେ ଷ୍ଟିୟରିଂ କାଟି ଡ୍ରାଇଭରଙ୍କୁ ବାହାର କରିଥିଲା। ପୁଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରକୁ ହସ୍ପିଟାଲ ପଠାଇଛି।

## ବିଷ ପିଇ ଦୁଇ ମୃତ

**ଅନୁଗୋଳ ୨୩।୫(ସମିସ):** ସ୍ଥାନୀୟ ଜରପଡ଼ା ଥାନା ଅଞ୍ଚଳରେ ବିଷ ପିଇ ଦୁଇଜଣ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ବଲାସିଂହା ପଞ୍ଚାୟତର ବାଲିସାହି ଗ୍ରାମର ଗିରିଶ ସାହୁ (୭୦) କୌଣସି କାରଣରୁ ବିଷପିଇ ଗୁରୁତର ହୋଇଥିଲେ। ତାଙ୍କୁ ଘର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଜଣାଇବା ପରେ ପୁଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସେହିଭଳି ଜରପଡା ଥାନା ଅନ୍ତର୍ଗତ ତୁବେ ଗ୍ରାମର ବ୍ରଜମୋହନ ସାହିର କିଶୋର ବେହେରାଙ୍କ ପୁଅ ନାଉରୀ ବେହେରା (୩୪) ଘରେ ଝଗଡ଼ା ହେବା ପରେ କୀଟନାଶକ ଔଷଧ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଜଣାଇବା ପରେ ପୁଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ନିର୍ବାଚନ ପୂର୍ବରୁ ଚାଲିଛି ବେଧଡ଼କ ମଦ ଚାଲାଣ; ପୁଲିସ ଚୁପ୍

**ବଇଣ୍ଡା, , ୨୩।୫(ସମିସ):** ଶନିବାର ନିର୍ବାଚନ ଥିବା ବେଳେ ଗୁରୁବାର ଅପରାହ୍ନରେ ହଣ୍ଡପା ଥାନା ବଇଣ୍ଡା ତଥା ଆଖପାଖ ଅଞ୍ଚଳକୁ ବ୍ୟାପକ ଚୋରା ବିଦେଶୀ ମଦ ଚାଲାଣ କରାଯାଇଥିବା ଜଣାପଡିଛି। ବିଶେଷ କରି ମଦ ଦୋକାନ ନିର୍ବାଚନ ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଥିବା ବେଳେ ଆଗୁଆ ମଦ ବ୍ୟବାସୀୟମାନେ ବ୍ୟାପକ ମଦ ନେଇ ଗୁପ୍ତ ସ୍ଥାନରେ ଗଚ୍ଛିତ କରି ରଖିଛନ୍ତି। ବିଶେଷ କରି ବଇଣ୍ଡା ଠାରେ ଥିବା ବିଦେଶୀ ମଦ ବ୍ୟବସାୟୀଙ୍କ କିଛି କର୍ମଚାରୀ ଗୋଟିଏ ବାଇକ ଯୋଗେ ପେଟି ପେଟି ମଦ ଚାଲାଣ କରିଥିଲେ। ବିଶେଷ କରି ଗ୍ରାମାଞ୍ଚଳକୁ ଏହି ମଦ ଚାଲାଣ କରିଥିଲେ ମଧ ବଇଣ୍ଡା ଫାଣ୍ଡି ପୁଲିସ ଏହାର ସୁରାକ ପାଇପାରି ନଥିଲା। ଯାହାକି ନିର୍ବାଚନ ସମୟରେ ମଦଗୁଡିକ ଦୁଇ ଗୁଣରେ ବିକ୍ରି ହେବ ବୋଲି କେତେକ ମଦ ବ୍ୟବସାୟୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ବଇଣ୍ଡା ଫାଣ୍ଡି ପୁଲିସ ପକ୍ଷରୁ ସଠିକ ଭାବରେ ଚଢ଼ଉ ହେଉ ନଥିବା ବେଳେ କିଛି ପୁଲିସ କର୍ମଚାରୀ ମଦ ମାଫିଆଙ୍କଠାରୁ ପ୍ରତ୍ୟେକ ମାସରେ ୫ ହଜାର ଟଙ୍କା ଲେଖାଏ ହାତଗୁଞ୍ଜା ଆଣୁଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସପି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

## ଖେଳ ସାମଗ୍ରୀ ବ୍ୟାଗକୁ ଜବତ କଲା ପୁଲିସ

**ବଇଣ୍ଡା, , ୨୩।୫( ସମିସ):** ହଣ୍ଡପା ଥାନା ପରସୁମାଳ ଗ୍ରାମରେ ଏକ ଟିମକୁ ବଣ୍ଟନ ହେବା ପାଇଁ ଆସିଥିବା ଖେଳ ସାମଗ୍ରୀ ବ୍ୟାଗକୁ ଗୁରୁବାର ସ୍ଥାନୀୟ ଅଞ୍ଚଳବାସୀ ଜବତ କରି ହଣ୍ଡପା ପୁଲିସ ଜିମା ଦେଇଛନ୍ତି। ହଣ୍ଡପା ପୁଲିସ ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଉକ୍ତ ବ୍ୟାଗକୁ ଜବତ କରାଯାଇଛି। ଜବତ ବ୍ୟାଗରେ ବହୁ ଖେଳ ସାମଗ୍ରୀ ଥିବା ବେଳେ ଏକ ଦଳୀୟ କାର୍ଡ ଥିବା ପୁଲିସ କହିଛି। ଘଟଣାରୁ ଜଣାପଡିଛି ଯେ, ଉକ୍ତ ବ୍ୟାଗ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ଟିମ ବଣ୍ଟନକରିବା ପାଇଁ ଆସିଥିବା ବେଳେ କିଛି ଅନ୍ୟଦଳର କର୍ମୀମାନେ ଜାଣି ଆଠମଲ୍ଲିକ ନିର୍ବାଚନ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପରେ ହଣ୍ଡପା ପୁଲିସ ପହଞ୍ଚି ଉକ୍ତ ବ୍ୟାଗକୁ ଜଣଙ୍କ ଘରୁ ଜବତ କରିଥିଲେ। ଏ ନେଇ ହଣ୍ଡପା ଆଇଆଇସି ନମିତା ନାୟକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି

**ଅନୁଗୋଳ, ୨୩।୫(ସମିସ):** ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ, ଅନୁଗୋଳ ଜିଲ୍ଲାରେ ଚଳିତ ମାସ ୨୫ ତାରିଖରେ ହେବାକୁ ଥିବା ମତଦାନ ନିମନ୍ତେ, ଜିଲ୍ଲା ପ୍ରଶାସନର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜିଲ୍ଲାରେ ଥିବା ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ୫୯- ପାଲଲହରା, ୬୦-ତାଳଚେର, ୬୧- ଅନୁଗୋଳ, ୬୨-ଛେଣ୍ଡିପଦା ଓ ୬୩ -ଆଠମଲ୍ଲିକ ଅନ୍ତର୍ଗତ ମୋଟ ୧୧୬୩ ଟି ମତଦାନ କେନ୍ଦ୍ରରେ ୬୯୭୮ ଜଣ ପୋଲିଂ କର୍ମଚାରୀ ନିୟୋଜନ ହୋଇଥିବା ବେଳେ, ୯,୭୮,୬୨୩ ଜଣ (ପାଲଲହଡ଼ାରେ ୧, ୭୮, ୫୨୮, ତାଳଚେରରେ ୧, ୬୪, ୨୪୯, ଅନୁଗୋଳରେ ୨, ୧୪, ୯୭୫, ଛେଣ୍ଡିପଦାରେ ୨, ୧୧, ୨୧୨ ଓ ଆଠମଲ୍ଲିକରେ ୨, ୦୯, ୬୫୯ ଜଣ ) ମତଦାତା ମତଦାନ କରିବାର ବ୍ୟବସ୍ଥା ରହିଛି। ମୋଟ ମତଦାତାଙ୍କ ମଧ୍ୟରୁ ୫, ୦୩, ୧୦୯ ଜଣ (୫୧.୪୧ ପ୍ରତିଶତ) ପୁରୁଷ, ୪, ୭୫, ୩୭୪ ( ୪୮.୫୮ ପ୍ରତିଶତ) ଜଣ ମହିଳା ଓ ୧୪୦ ଜଣ (୦.୦୧ ପ୍ରତିଶତ) ତୃତୀୟ ଲିଙ୍ଗୀ ମତଦାତା ଅଛନ୍ତି। ମୋଟ ମତଦାତାଙ୍କ ମଧ୍ୟରୁ ୭, ୭୪୪ ଜଣ (୦.୭୯ ପ୍ରତିଶତ) ସିନିୟର ସିଟିଜେନ, ଦିବ୍ୟାଙ୍ଗ ୧୧, ୯୨୬ ଜଣ (୧.୨୨ ପ୍ରତିଶତ) ଓ ୩୧, ୧୪୨ଜଣ ( ୩.୧୮ ପ୍ରତିଶତ) ଯୁବ ମତଦାତା ( ୧୮ ରୁ ୧୯ ବର୍ଷ ) ଅଛନ୍ତି। ପୁରୁଷ ( ପ୍ରତି ୧୦୦୦ ଜଣ) ଓ ମହିଳା ମତଦାତାଙ୍କ ଅନୁପାତ ୯୪୫ ରହିଛି। ସେହିପରି ମୋଟ ୧୧୬୩ ଟି ମତଦାନ କେନ୍ଦ୍ର ମଧ୍ୟରୁ ୬୦ (ପ୍ରତି ନିର୍ବାଚନ ମଣ୍ଡଳୀରେ ୧୨ ଟି ଲେଖାଏ) ଟି ସଖୀ (କେବଳ ମହିଳା ଅଧିକାରୀ ରହିବେ) ମତଦାନ କେନ୍ଦ୍ର, ୨୫ ଟି (ପ୍ରତି ନିର୍ବାଚନ ମଣ୍ଡଳୀ ରେ ୦୫ ଟି ଲେଖାଏ) ଯୁବ ମତଦାନ କେନ୍ଦ୍ର ( ୩୦ ବର୍ଷ ରୁ କମ ଅଧିକାରୀ ରହିବେ) ଓ ୨ଟି ଦିବ୍ୟାଙ୍ଗ (ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ରେ ଗୋଟିଏ ଲେଖାଏ ) ମତଦାନ କେନ୍ଦ୍ର ରହିଛି। ମୋଟ ୧୧୬୩ ଟି ମତଦାନ କେନ୍ଦ୍ର ମଧ୍ୟରୁ ୮୭ ଟି (ପାଲଲହରାରେ ୧୭ ଟି, ତାଳଚେରରେ ୨୦ ଟି, ଅନୁଗୋଳରେ ୨୦ ଟି, ଛେଣ୍ଡିପଦାରେ ୧୬ ଟି ଓ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ୧୭ଟି ) ଅତିସଂବେଦନଶୀଳ ମତଦାନ କେନ୍ଦ୍ର ଚିହ୍ନଟ କରାଯାଇଛି। ଏହି ସମସ୍ତ ଅତିସଂବେଦନଶୀଳ ମତଦାନ କେନ୍ଦ୍ରରେ ଶୃଙ୍ଖଳା ପାଇଁ ସିଏପିଏଫ ଯବାନ ମୁତୟନ କରାଯିବ। ଜିଲ୍ଲାରେ ନିର୍ବାଚନ ପରିଚାଳନା ପାଇଁ ୫ ଜଣ ନିର୍ବାଚନ ଅଧିକାରୀ, ୧୦ ଜଣ ଏଆରଓ, ୧୨୯ ମାଇକ୍ରୋ ପର୍ଯ୍ୟବେକ୍ଷକ, ୧୧୩ ଜଣ ସେକ୍ଟର ଅଧିକାରୀ ସମେତ ୬୩୭ ଅତିରିକ୍ତ (ରିଜର୍ଭ) ପୋଲିଂ କର୍ମଚାରୀ ଓ ୧୨ ଜଣ ଅତିରିକ୍ତ (ରିଜର୍ଭ) ସେକ୍ଟର ଅଧିକାରୀ ମଧ ରହିବେ ବୋଲି ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ, ଚଳିତ ମାସ ୨୫ ତାରିଖରେ, ଅଧିକରୁ ଅଧିକ ମତଦାତା କେନ୍ଦ୍ରକୁ ଆସି ନିଜ ନିଜର ଭୋଟ ଦେବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅବ୍ଦାଲ ଏମ ଅଖତାର ଜିଲ୍ଲାବାସୀଙ୍କୁ ଅପିଲ କରିଛନ୍ତି।

## ଜିଲ୍ଲାରେ ୮୭ଟି ସମ୍ବେଦନଶୀଳ ବୁଥ୍

**ଅନୁଗୋଳ, ୨୩।୫(ସମିସ):** ଆସନ୍ତା ୨୫ତାରିଖରେ ଅନୁଗୋଳ ଜିଲ୍ଲାରେ ଅନୁଷ୍ଠିତ ହେବ ନିର୍ବାଚନ କାର୍ଯ୍ୟକ୍ରମ। ଆଇନଶୃଙ୍ଖଳା ରକ୍ଷା ତଥା ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ପୁଲିସର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ପୁଲିସର ଭୂମିକା ଏବଂ ଦାୟିତ୍ୱ ସମ୍ବନ୍ଧୀୟ ସୂଚନା ସହିତ ଆଚରଣ ବିଧି ଏବଂ ନିର୍ବାଚନ ଆଇନ ସମେତ ଅନ୍ୟାନ୍ୟ ନିର୍ବାଚନ ଡ୍ୟୁଟିରେ ଥିବା ପୁଲିସ୍ କର୍ମଚାରୀଙ୍କ ପାଇଁ ଏକ ମାର୍ଗଦର୍ଶିକା ଭାବରେ ବ୍ୟାପକ ଭାବରେ କାର୍ଯ୍ୟ କରାଯାଇଛି। ଚଳିତ ନିର୍ବାଚନରେ ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ୨୪୬, ତାଳଚେର ନିର୍ବାଚନ ମଣ୍ଡଳୀରେ ୨୦୨, ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ୨୨୭, ପଲଲହଡ଼ା ନିର୍ବାଚନ ମଣ୍ଡଳୀରେ ୨୩୯, ଏବଂ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ୨୪୯ ଟି ଭୋଟ ଗ୍ରହଣ କେନ୍ଦ୍ର ଆୟୋଜନ ହୋଇଛି। ସମୁଦାୟ ସମ୍ବେଦନଶୀଳ ବୁଥ୍ -୮୭। ସମୁଦାୟ

- ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ପୁଲିସର ବ୍ୟାପକ ବ୍ୟବସ୍ଥା

ଷ୍ଟ୍ରଙ୍ଗ ରୁମ-୪ ଏବଂ ପ୍ରତ୍ୟେକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହିତ କଣ୍ଟ୍ରୋଲ୍ ରୁମ୍ ବ୍ୟବସ୍ଥା କରାଯାଇଛି। ୯୯ଟି ମୋବାଇଲ୍ ପାର୍ଟିଙ୍କୁ ନିୟୋଜିତ କରାଯାଇଛି। ଜିଲ୍ଲା ସୀମାନ୍ତର ୧୨ ଟି ସ୍ଥାନରେ ଦିନରାତି ଧରି ତିନୋଟି ସିଫ୍ଟରେ ସୀମାରେ ଯାଞ୍ଚ କରାଯାଉଛି। ୨୫ସେକ୍ଟର ଅଧିକାରୀ, ଡିଏସପି ପାହ୍ୟାର ୧୦ ଜୋନାଲ ଅଫିସର, ଆଡିସିନାଲ ଏସପି ପାହ୍ୟାର ୫ କାର୍ଯ୍ୟ ତଦାରଖ ଅଧିକାରୀ, ପ୍ରତ୍ୟେକ ପୁଲିସ୍ ଷ୍ଟେସନରେ ଗୋଟେ ସେକ୍ସନ ଷ୍ଟ୍ରାଇକିଂ ଫୋର୍ସ, ଆଡିସନାଲ ଏସପି -୦୬, ଡିଏସପି-୧୧ , ଇନ୍ସପେକ୍ଟର -୨୬, ଏସ ଆଇ/ ଏ ଏସ ଆଇ-୨୩୭ ହାଭିଲଦାର -୧୪୪, କନଷ୍ଟେବଲ୍ -୯୧୮, ହୋମ ଗାର୍ଡ୬୧୪, ଗ୍ରାମରଖୀ -୨୫୬, ସେଣ୍ଟ୍ରାଲ୍ ଫୋର୍ସ -୧୨ କମ୍ପାନୀ, ରାଜ୍ୟ ଏସଏପି-୩୭ ସେକ୍ସନ ଫୋର୍ସ ଆଦିଙ୍କୁ ନିୟୋଜିତ କରାଯାଇଛି।

## ଏସୟୁସିଆଇ(କମ୍ୟୁନିଷ୍ଟ) ପ୍ରାର୍ଥୀଙ୍କ ପ୍ରଚାର



**ଅନୁଗୋଳ, ୨୩।୫(ସମିସ):** ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ବିଧାୟକ ପ୍ରାର୍ଥୀ ଭରତ କୁମାର ନାଏକ ଏବଂ ସମ୍ବଲପୁର ସାଂସଦ ପ୍ରାର୍ଥୀ ନବକିଶୋର ପ୍ରଧାନଙ୍କୁ ଭୋଟ୍ ଦେବା ପାଇଁ ଆଜି ପୂର୍ବାହ୍ନରେ ତୁକୁଡ଼ାଠାରୁ ଆରମ୍ଭ କରି ଜରପଡ଼ା, ଦୁର୍ଗାପୁର, କୋରଡା, ବରପଦା, ନାଉପଦା, ବାଲିପଟା, ଟେଣ୍ଟୁଲି, କୁକୁରପେଟା ଅଞ୍ଚଳରେ ରୋଡ୍ ଶୋ' କରାଯିବା ସହ ପ୍ରଚାରକୁ ଜୋରଦାର କରାଯାଇଛି। ଅଞ୍ଚଳର ସୁରକ୍ଷା ପାଇଁ ପୁଞ୍ଜିପତିଙ୍କ ଟଙ୍କାରେ ନିର୍ବାଚନ ଲଢୁଥିବା ଦଳମାନଙ୍କୁ ଜନସାଧାରଣ ଉଚିତ୍ ଜବାବ ଦେବାକୁ ପ୍ରଚାରରେ ସାମିଲ ଥିବା ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ)ର ଜିଲ୍ଲା କମିଟି ସଭ୍ୟ ସୁବାସ ପ୍ରଧାନ, ମାନସ ପାଳ, ରଣଜିତ୍ ପ୍ରଧାନଙ୍କ ସମେତ ଦୁଃଖବନ୍ଧୁ ବେହେରା, ବବିତା ସାହୁ, ପ୍ରତିମା ବେହେରା, ଲମ୍ବୋଦର ପଣ୍ଡା, ବିଜୟ ପ୍ରଧାନ, ବିକ୍ରମ ସାହୁ ପ୍ରମୁଖ ଆହ୍ୱାନ କରିଛନ୍ତି।

## ପାପସରା ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ବଇଣ୍ଡା, ୨୩।୫( ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକର ଐତିହାସିକ ପାପସରା ଚନ୍ଦନ ଯାତ୍ରା ମେ ୨୭ରେ ଅନୁଷ୍ଠିତ ହେବ। ଏ ନେଇ ପାପସରା ଗ୍ରାମ ସଭାପତି ପ୍ରସନ୍ନ ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ଦିବ୍ୟାଲୋଚନ ସାହୁ, ସୌଦାଗର ବେହେରା, ଧ୍ରୁବଚରଣ ପ୍ରଧାନ, ଟୁନା ସାହୁ, ଗଣେଶ ପ୍ରଧାନ, ରାଜକିଶୋର ପ୍ରଧାନ, ବିଜୟ ପ୍ରଧାନ, ଙ୍କ ସମେତ ଗ୍ରାମର ୯ଟି ଦଳର ଦଳୀୟ ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଚନ୍ଦନ ଯାତ୍ରାକୁ କିପରି ଶାନ୍ତି ଶୃଙ୍ଖଳା ସହ ପାଳନ କରାଯିବ, ସେ ବିଷୟରେ ଆଲୋଚନା ହୋଇଥିଲା। ଚନ୍ଦନ ଯାତ୍ରା ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ତପସ୍ୱିନୀ ଅପେରା, ଲିଟିଲ୍ ଷ୍ଟାର ମେଲୋଡି, ପ୍ରଭୁ ରାଧାକୃଷ୍ଣଙ୍କ ଶୋଭାଯାତ୍ରାରେ ଲଉଡ଼ି ଖେଳ, ଘଣ୍ଟବାଦ୍ୟ, ମହିଳା ସଙ୍କୀର୍ତ୍ତନ, ହାତୀ, ଘୋଡ଼ାନାଚ, ରାଜାରାଣୀ ନାଚ, ଫୁଲ ପନସା, ଦୁଲୁଦୁଲି ବାଦ୍ୟ, ଆତସବାଜି ତଥା ଡବଲ ଡିଜେ ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ସମସ୍ତେ ସହଯୋଗ କରିବା ପାଇଁ ଚନ୍ଦନ ଯାତ୍ରା କମିଟି ପକ୍ଷରୁ ନିବେଦନ କରାଯାଇଛି।

## ମରାମତି ବେଳେ ଜଳିଗଲା ବାଇକ୍

**କଣିହାଁ, ୨୩।୫ (ସମିସ):** କଣିହା ବ୍ଲକ ଏନଟିପିସି ଟାଉନ ଥାନା ତେଲିସିଂହା ଛକ ବଜାରରେ ଏକ ବାଇକ ମରାମତି ବେଳେ ଅଗ୍ନିକାଣ୍ଡରେ ଜଳିଯାଇଛି। ଅଗ୍ନିକାଣ୍ଡକୁ ନେଇ ବଜାର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। କଣିହାଁ ଅଗ୍ନିଶମ ବିଭାଗ ଖବର ପାଇ ନିଆଁକୁ ଲିଭାଇଥିଲା। ଏନେଇ ଅଗ୍ନିଶମ ବିଭାଗ ଅଧିକାରୀ ଭ୍ରମରବର ମହାନ୍ତି କହିଛନ୍ତି ଯେ, ଅଗ୍ନିକାଣ୍ଡ ଘଟିବା ଖବର ସନ୍ଧ୍ୟା ୫ ଘଟିକା ପୂର୍ବରୁ ମିଳିଥିଲା। ଅଗ୍ନିଶମ ଟିମ୍ ପହଞ୍ଚିବା ପୂର୍ବରୁ ଏକ ଟ୍ରକରେ ଯାଉଥିବା ମାଟି ବୁଝେଇ ଗାଡ଼ି ବଜାରବାସୀଙ୍କ ଅନୁରୋଧ କ୍ରମେ ବାଇକ୍ ଉପରେ ମାଟି ଢାଳିଥିଲା। ବାଇକ୍ ଟାଙ୍କିରେ ପେଟ୍ରୋଲ ଥିବାରୁ ନିଆଁ ଲିଭି ନଥିଲା। ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇ ବାଇକ୍ ଉଦ୍ଧାର କରିଥିଲା। ଉକ୍ତ ବାଇକଟି ଧୋବାପାଳ ଗ୍ରାମର ମଦନମୋହନ ପ୍ରଧାନଙ୍କର ବୋଲି ଜଣାପଡିଛି। ସେ ବାଇକ୍ ଷ୍ଟାଣ୍ଡ ମରାମତି କରିବାକୁ ୱେଲଡିଂ ଦୋକାନକୁ ନେଇଥିଲେ। ଅସବାଧନତାକୁ ନେଇ ୱେଲଡିଂ ନିଆଁ ଗୁଲ ଛିଟିକି ବାଇକଟି ଜଳି ଯାଇଥିଲା।



ଶେଷ ଦିନରେ ବିଜେଡିର ଜୋରଦାର ପ୍ରଚାର

## 'ଯୋଡ଼ିଶଙ୍ଖ'ରେ ଭୋଟ ଦେବାକୁ ନଳିନୀକାନ୍ତଙ୍କ ନିବେଦନ

**ବଇଣ୍ଡା, , ୨୩।୫( ସମିସ)**

ଗୁରୁବାର ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଚାରର ଶେଷ ଦିନଥିବା ବେଳେ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ଆଠମଲ୍ଲିକ ବ୍ଲକର ସାନହୁଲା, କୃତୀବାସପୁର, ବାଲିପଟା, ବରପଦର, ମଦରବାହଳ, ଗୁଣ୍ଡୁରୀ ଖଳି କୁରୁମଟାପ, କମ୍ପଲା ଆଦି ଅଞ୍ଚଳରେ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ପ୍ରତ୍ୟେକ ଘର ବୁଲି ପ୍ରଚାର କରିବା ସହ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏଥିସହ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ବିଜେଡି ସରକାର ଅମଳରେ ବହୁ ବିକାଶ ହୋଇଛି, ଆଗକୁ ମଧ ଅନେକ ବିକାଶ ହେବ ବୋଲି କହିଥିଲେ। ବିଜେଡି ସରକାର ଗଠନ ହେଲେ ମାଗଣା ବିଜୁଳି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ବୋଲି କହିଥିଲେ। ତେଣୁ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ହାତ ଯୋଡ଼ି ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାଗିରଥି ପ୍ରଧାନ, କାଶୀନାଥ ସାହୁ, ଆରୁଣୀ ଆଚାର୍ଯ୍ୟ, ସଚିଦାନନ୍ଦ ପ୍ରଧାନ, ଅରୂପାନନ୍ଦ ଚାନ୍ଦଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।



ସକାଳ THE SAKALA



# ୬ନଂ ଜୋନ୍‌ରେ ଅଂଶୁମାନ ଓ ଗଣେଶ୍ୱରଙ୍କ ବିଶାଳ ଶୋଭାଯାତ୍ରା

କେନ୍ଦ୍ରାପଡ଼ା, ୨୩।୫(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ୬ନମ୍ବର ଜୋନ୍‌ରେ ଜିଲ୍ଲା ପରିଷଦ ସଦସ୍ୟା ନିର୍ମଳା ମହାନ୍ତିଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା ଏକ ବିଶାଳ ଶୋଭାଯାତ୍ରାରେ ଆଜି ଭୋଟ ପ୍ରଚାର କରିଛନ୍ତି । ସକାଳ ପ୍ରାୟ୧୦ଟାରେ ଏହି ବିଶାଳ ଶୋଭାଯାତ୍ରା ଗୁଲନଗର ପଞ୍ଚାୟତର ଚଟିପୋଲ ନିକଟରୁ ବାହାରି କପାଳେଶ୍ୱର ପଞ୍ଚାୟତର ଗରାପୁର ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ, ଗୋପ, ଦୁତିଆଳ, ଶ୍ୟାମସୁନ୍ଦରପୁର, ଭରତପୁର, ମେହେନ୍ଦିପୁର, ନରିଲୋ, ଚକ୍ରୋଡା, ଜମଧର, କଷୋଟି, ବଡଗାଁ, ସାନଗାଁ ଓ ବଣହରା ଦେଇ ଭାଗବତପୁରର ପଞ୍ଚାୟତର ବାଲିଆଠାରେ ଅପରାହ୍ନ ୨ଟାରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରା ବିଭିନ୍ନ ପଞ୍ଚାୟତ ଓ ଗ୍ରାମ ଦେଇ ଯିବା ସମୟରେ ପ୍ରତ୍ୟେକ ଗ୍ରାମରେ ଲୋକମାନେ ଫୁଲତୋଡା, ଫୁଲହାର, ଉତ୍ତରୀୟ ଏବଂ ଫୁଲ ଚନ୍ଦନ ଦେଇ ପ୍ରାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଶ୍ରିର୍ବାଦ ପ୍ରଦାନ କରିଥିଲେ । ପ୍ରାର୍ଥୀମାନେ ଶୋଭାଯାତ୍ରାର ବିଭିନ୍ନ ସ୍ଥାନରେ ଭୋଟରମାନଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ କରିବା ପାଇଁ ନିବେଦନ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ଜାରି ରଖିବା ପାଇଁ ଆଗାମୀ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଏହି ଅବସରରେ ନିବେଦନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ୬ନମ୍ବର ଜିଲ୍ଲା ପରିଷଦ ଜୋନ୍‌ର ବରିଷ୍ଠ ବିଜେଡି ନେତା ପ୍ରଦୀପ୍ତ ମହାନ୍ତି, ପୂର୍ବତନ ସମିତିସଭ୍ୟ ଶିବପ୍ରସାଦ ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଗୁଲନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ଲୋପାମୁଦ୍ରା ବାରିକ ଓ ପୀତବାସ ବେହେରା, ଗୁଲନଗର ପଞ୍ଚାୟତ ବିଜୁ ଜନତା ଦଳ ସଭାପତି ସୁଶାନ୍ତ ଦାଶ, ରାଜୁ କୁବେର, ତ୍ରିଲୋଚନ ଦାସ, ରବୀନ୍ଦ୍ର ସାହୁ, ପୂର୍ବତନ ପୌରଉପାଧକ୍ଷ ସବିତା ସାହୁ, ଭରତପୁର ସରପଞ୍ଚ ନୀଳାମ୍ବର ମଲ୍ଲିକ, ଶ୍ୟାମସୁନ୍ଦରପୁର ପଞ୍ଚାୟତ ସରପଞ୍ଚ ଅଙ୍କୁର ସେଠୀ, ସମିତିସଭ୍ୟା ଉର୍ମିଳା ସେଠୀ, ପୂର୍ବତନ ସରପଞ୍ଚ ଶାରଦା ପ୍ରସନ୍ନ ରାଉତ, ଶାରଦା ରାଉତ(କୁନା), ସୁମିତ୍ରା ପାଢ଼ୀ, ମିନତୀ ପରିଡ଼ା, ଭରତପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଜିନତ୍ ପ୍ରିୟଦର୍ଶିନୀ, ଅକ୍ଷୟ ମନ୍ତ୍ରୀ, ବିଶ୍ୱଜିତ ସାମଲ, ପୂର୍ବତନ ସମିତି ସଭ୍ୟ ହେମନ୍ତ ବିଶ୍ୱାଳ, ଚକ୍ରୋଡା ସରପଞ୍ଚଙ୍କ ପ୍ରତିନିଧି ନିରଞ୍ଜନ ନାୟକ, ପ୍ରଣତି ବେହେରା, ରମାକାନ୍ତ ରାଉତ, ଦିଲ୍ଲୀପ ମହାନ୍ତି, ଅନନ୍ତ ଜେନା, ଦୋଳଗୋବିନ୍ଦ ସାମଲ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ରାଉତ, ପଞ୍ଚାୟତ ବିଜେଡି ସଭାପତି ଗୌରାଙ୍ଗ ଚରଣ ଲେଙ୍କା, ଜମଧର ସରପଞ୍ଚ ରାଜକିଶୋର ଖୁଣ୍ଟିଆ, ସମିତିସଭ୍ୟ ଦେବାଶିଷ ଦାସ, ଅର୍ଜୁନି ସେଠୀ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ମହାନ୍ତି, ସେକ୍ ଅରମାନ୍, ସେକ୍ ଲିୟାକତ୍, ଜିତେନ୍ଦ୍ର ମହାନ୍ତି, ପଞ୍ଚାୟତ ସଭାପତି ଦାମୋଦର ଜେନା, ଭାଗବତପୁର ପଞ୍ଚାୟତ ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ସମିତିସଭ୍ୟା ପ୍ରମିଳା ମିଶ୍ର ଓ ପୂର୍ବତନ ସରପଞ୍ଚ ଧରଣୀଧର ଦାସ, ପରିବେଶବୀତ ନାରାୟଣ ପତି, ପଞ୍ଚାୟତ ସଭାପତି ଧୀରେନ ସ୍ୱାଇଁ, ପ୍ରମୋଦ ସାହୁ, ଶରତ ଚନ୍ଦ୍ର ସ୍ୱାଇଁ, କାର୍ତ୍ତିକ ନାୟକ, ରାମଚନ୍ଦ୍ର ରାଉତ, ପ୍ରଫୁଲ୍ଲ ମହାନ୍ତି, ସୁବାଷ ସେଠୀ ପ୍ରମୁଖ ହଜାର ହଜାର ସଂଖ୍ୟାରେ ବିଜେଡି କର୍ମୀ ବାଇକ ଚଳାଇ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଦଳର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଆଗାମୀ ଜୁନ ୧ରେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରିଥିଲେ ।

## ସଂକୀର୍ତ୍ତନ ସମ୍ମାନ ପାଇଲେ ପ୍ରକୃତିବନ୍ଧୁ ଦ୍ୱାରିକାନାଥ

ଗରଦପୁର, ୨୩।୫(ସମିସ): କୃଷ୍ଣ ଓ ଚୈତନ୍ୟଙ୍କ ସମ୍ବନ୍ଧୀୟ ଗୀତ ଗାନକୁ ନେଇ ଗାଁରେ ଗାଁରେ ସଚେତନ ସୃଷ୍ଟି କରନ୍ତି ଦ୍ୱାରିକାନାଥ ସେନାପତି । ଖୋଳ, କରତାଳ ଓ ନୃତ୍ୟ ସହିତ ସଙ୍କୀର୍ତ୍ତନ କରାଇ ସମାଜ ପରିବର୍ତ୍ତନରେ ସେ ମୁଖ୍ୟ ସୂତ୍ରଧର ପାଲଟିଛନ୍ତି । ସେ ସଙ୍କୀର୍ତ୍ତନ ଶିକ୍ଷାକୁ ସଙ୍କୀର୍ତ୍ତନ ଆଖଡ଼ା ଏବଂ ଦଳକୁ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମକୁ ଡକାଇ



ଧର୍ମୀୟ ଭାବନା ସୃଷ୍ଟି କରନ୍ତି । ଗ୍ରାମରେ ଥିବା ଭାଗବତ ଟୁଙ୍ଗୀ ସଙ୍କୀର୍ତ୍ତନ ଆଖଡ଼ାକୁ ବଜାୟ ରଖିବାକୁ ନିରନ୍ତର ପ୍ରୟାସ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗରଦପୁର ବ୍ଲକର ବିଶିଷ୍ଟ ପରିବେଶବିତ ଦ୍ୱାରିକାନାଥ ସେନାପତିଙ୍କୁ ସଂକୀର୍ତ୍ତନ ସମ୍ମାନ ପ୍ରଦାନ କରାଯାଇଛି । ଜଗତସିଂହପୁର ଜିଲ୍ଲା ତେରମାଣପୁର ଗ୍ରାମର ନୃସିଂହନାଥ ପୀଠରେ ଶ୍ରୀଶ୍ରୀ କଳ୍ପତରୁ ସଂକୀର୍ତ୍ତନ ମହାମଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଦ୍ୱାରିକାନାଥଙ୍କୁ ସମ୍ମାନିତ କରାଯାଇଥିଲା । ମହାମଣ୍ଡଳର ସଭାପତି ବାବା ରମାକାନ୍ତ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଶ୍ରୀ ସେନାପତି ପରିବେଶ ସୁରକ୍ଷା ନିମନ୍ତେ ଦୁଇଥର ପ୍ରକୃତିବନ୍ଧୁ ସମ୍ମାନ ପାଇଥିବାବେଳେ ବିଭିନ୍ନ ସାହିତ୍ୟ, ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ଅଛନ୍ତି । ଉତ୍କଳ ସଂକୀର୍ତ୍ତନ ମହାସଂଘର ସେ ଉପ-ସଭାପତି ଭାବେ କାର୍ଯ୍ୟରତ ଅଛନ୍ତି । ସଂକୀର୍ତ୍ତନ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ପାଇଁ ମହାମଣ୍ଡଳ ପକ୍ଷରୁ ସମ୍ପାଦକ ବଳଦେବ ମହାପାତ୍ର ପୁଷ୍ପଗୁଚ୍ଛ, ଉତ୍ତରୀୟ ମାନପତ୍ର ପ୍ରଦାନ କରି ଶ୍ରୀ ସେନାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

● ଝଙ୍କଡ଼ସ୍ଥିତ ମା' ଶାରଳାଙ୍କ ମାର୍ଜନା ନୀତି ବିଭ୍ରାଟ

## ପାଳିଆ ସେବକଙ୍କ ଦୌରାତ୍ମ୍ୟରେ ଯାତ୍ରୀ ଅତିଷ୍ଠ

ଜଗତସିଂହପୁର, ୨୩।୫(ସମିସ): ଝଙ୍କଡ଼ସ୍ଥିତ ମା ଶାରଳାଙ୍କ ମନ୍ଦିରରେ ପୁଣି ଥରେ ସେବକମାନଙ୍କ ବ୍ୟବହାର ସୀମା ଟପିଛି । ମନ୍ଦିର ପାଳିଆ ସେବକଙ୍କ ଦୌରାତ୍ମ୍ୟ ଯୋଗୁଁ ଜଣେ ମହିଳା ଯାତ୍ରୀ ଓ ତାଙ୍କ ପରିବାର, ଦୁର୍ବ୍ୟବହାରର ଶୀକାର ହୋଇଛନ୍ତି । ଏ ସମ୍ପର୍କରେ ସେ ଦେବୋତ୍ତର କମିଶନର ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ଏ ନେଇ ମା' ଙ୍କ ପ୍ରାତଃ ମାର୍ଜନା ନୀତିରେ ବିଭ୍ରାଟ ଦେଖାଦେଇଛି । ବିରିଡ଼ି ବ୍ଲକ ୨୨ ମୌଜା ପୁରଣ ଗ୍ରାମର, ସୁମିତ୍ରା ପଣ୍ଡା ନାମକ ଜଣେ ମହିଳାଭକ୍ତଙ୍କ ମାନସିକ ପୂରଣ ହେବାରୁ, ଗତ ଗୁରୁବାର ପ୍ରତ୍ୟୁଷରୁ, ମା' ଶାରଳାଙ୍କ ମନ୍ଦିରରେ ୧୦୮ ଗରା ଜଳରେ ମାଆଙ୍କୁ ମାର୍ଜନା କରାଇବା ନିମନ୍ତେ ନିଜର ପୀଠ ପୁରୋହିତଙ୍କ ଦ୍ୱାରା ଆରମ୍ଭ କରିବା ସମୟରେ, ମାତ୍ର ଆଠ ଯୋଡ଼ା ଜଳ ଢଳା ଯିବା ପରେ ହଠାତ୍ ସେବକ ପାଳିଆ ଅଶାଳୀନ ଭାଷାରେ ତାଙ୍କୁ ଗାଳି ଗୁଲଜ କରି, ମନ୍ଦିର ଦ୍ୱାର ବନ୍ଦ କରି ଦେଇଥିଲେ । ଯାହାଫଳରେ ମାନସିକଧାରୀ ଭକ୍ତଙ୍କ ଜଳାଭିଷେକ କାର୍ଯ୍ୟ ବନ୍ଦ ହୋଇଯାଇଥିଲା । ଭକ୍ତଙ୍କ ଭାବାବେଗ ସହ ଜଡ଼ିତ ଏହି ପରମ୍ପରା କ୍ଷୁର୍ଣ୍ଣ ହେବାରୁ, ମାନସିକଧାରି ଶ୍ରଦ୍ଧାଳୁ ଭକ୍ତ ସୁମିତ୍ରା ପଣ୍ଡା ସଙ୍ଗେ ସଙ୍ଗେ କଟକ ଅତିରିକ୍ତ ସହକାରୀ କମିଶନରଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ନିଜର ଆପତ୍ତି ଅଭିଯୋଗ କହିଥିଲେ । ଅପର ପକ୍ଷରେ ଶ୍ରୀମତୀ ପଣ୍ଡା, ଏହି ଦୁର୍ଭାଗ୍ୟ ଜନକ ଅଘଟଣ ସମ୍ପର୍କରେ, ଶାରଳା



ମନ୍ଦିର ପରିଚାଳନା ସମିତିର ସଭାପତି ତଥା ଜଗତସିଂହପୁର ଜିଲ୍ଲାପାଳ, ଶାରଳା ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ସୌରରଞ୍ଜନ ପରିଜା, ତିର୍ତ୍ତୋଲ ଥାନା ଅଧିକାରୀ ଓ କଟକ ଦେବୋତ୍ତର ଅତିରିକ୍ତ ସହକାରୀ କମିଶନର ଙ୍କ ନିକଟରେ ମଧ ଲିଖିତ ଅଭିଯୋଗ କରିଏହି ଅଘଟଣ ଘଟାଇ ଥିବା ସେବାୟତମାନଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରିଥିବା ସୂଚନା ମିଳିଛି । ଏଠାରେ ସୂଚନା ଯୋଗ୍ୟ, ଶ୍ରୀମତୀ ପଣ୍ଡା, ସାରଳାମନ୍ଦିର କାର୍ଯ୍ୟାଳୟରେ ମଧ ଏହି ଜଳାଭିଷେକ କାର୍ଯ୍ୟ ପାଇଁ ୨୦୧ ଟଙ୍କା ଦାଖଲ କରି ରସିଦ ହାସଲ କରିଛନ୍ତି । ବିଶେଷ କରି ଦୀର୍ଘ ୭୦ ବର୍ଷ ଧରି ତାଙ୍କ ପରିବାର ତରଫରୁ ପ୍ରତିବର୍ଷ ଏହି ବୈଶାଖ ଶୁକ୍ଳ ପୂର୍ଣ୍ଣିମା ଦିନ, ମାଆଙ୍କ ନିକଟରେ ୧୦୮ ଗରା ଜଳଲାଗି କରିଆସୁଥିବା ବେଳେ ଗୁରୁବାର ଏଥିରୁ ତାଙ୍କୁ ବଞ୍ଚିତ କରାଯାଇଥିବା ସେ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ।

## ମହୁଲିଆ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ

ରାଜନଗର, ୨୩।୫(ସମିସ): ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତର ମହୁଲିଆ ମାର୍କେଟ କମ୍ପ୍ଲେକ୍‌ସଠାରେ ବିଜୁ ଜନତା ଦଳ ପକ୍ଷରୁ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜନଗର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଯୋଗଦେଇ କଂଗ୍ରେସ ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ମିଶିଥିବା ପୂର୍ବତନ ସରପଞ୍ଚ ବିଶ୍ୱନାଥ ରାଉତ, ସିର୍ଦ୍ଧାର୍ଥ ସେଠୀ, ପ୍ରଶାନ୍ତ ଦାସ, ମହେଶ୍ୱର ସେଠୀ, ବାସୁଦେବ ସେଠୀ, ରଙ୍ଗଲତା ସେଠୀ, କେଶବ ବେହେରା, ଅଭିମନ୍ୟୁ ବେହେରା, ଫକିର ସାହୁ, ଶିବରାମ ବେହେରା, ନିରାକାର ବେହେରା, ସତ୍ୟାନନ୍ଦ ସେଠୀ, ଅନିରୁଦ୍ଧ ରାଉତ, ରମେଶ ସ୍ୱାଇଁ, ପ୍ରଶାନ୍ତ ଜେନା, ତ୍ରିଲୋଚନ ଜେନା, ଚୈତନ୍ୟ ଜେନା, ରଞ୍ଜନ ଜେନା, ଶଙ୍କର ଜେନା, ପ୍ରଫୁଲ୍ଲ ଜେନା, ଦଧିବାମନ ସ୍ୱାଇଁ, ରବୀନ୍ଦ୍ର ସାହୁ, ଶଶଧର ସ୍ୱାଇଁ, ଗଣେଶ୍ୱର ସ୍ୱାଇଁ, ଗୋଲେଖ ସ୍ୱାଇଁ, ସଞ୍ଜୟ ଜେନା, କୃତ୍ତିବାସ ରାଉତ,



ବାସୁଦେବ ନାୟକ, ପ୍ରଫୁଲ୍ଲ ପଢ଼ିହାରୀ, ସୁରେଶ ସେଠୀ, ରଞ୍ଜନ ଦାସ, ସୁବାସ ସାମଲ, ମହେଶ୍ୱର ବାରିକ, ନୃସିଂହ ପାତ୍ର, ଅଭି ଓଝା, ପ୍ରେମାନନ୍ଦ ରାଉତ, ଅମର ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ମହେନ୍ଦ୍ର ଜେନା, ଅରୁଣ ସାମଲ, ପ୍ରଦୀପ ସ୍ୱାଇଁ, ରବୀନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ଫଳରେ ମହୁଲିଆ ପଞ୍ଚାୟତରେ ବିଜେଡି ଆଗାମୀ ଦିନରେ ଅଧିକ ସଶକ୍ତ ହେବ ବୋଲି ବିଧାୟକ ପ୍ରାର୍ଥୀ ଶ୍ରୀ ସାହୁ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନା ଓ ବିଧାୟକ ଶ୍ରୀ ସାହୁଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ନେଇ ଯୋଗଦେଇଥିବା ନୂତନ କର୍ମୀ କହିବା ସହ ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ଅଧିକ ଭୋଟ ବ୍ୟବଧାନରେ ଜିତାଇବାକୁ କାର୍ଯ୍ୟ କରିବେ ବୋଲି କହିଥିଲେ ।

ଏହି ମିଶ୍ରଣ ପର୍ବରେ ୩୦ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ମହୁଲିଆ ସରପଞ୍ଚ ମଞ୍ଜୁଳା ଦାସ, ସମିତିସଭ୍ୟ ସଞ୍ଜୟ ସ୍ୱାଇଁ, ପଞ୍ଚାୟତ ସଭାପତି ଦଧିବାମନ ଭୂୟାଁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ ସାହୁ, ବ୍ଲକ ବିଜେଡି ମୁଖପାତ୍ର, କୈଳାସ ଚନ୍ଦ୍ର ମହାନ୍ତି, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ବୈକୁଣ୍ଠ ଦାସ, ଶତ୍ରୁଘନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

## ଅଲ୍ ଓଡ଼ିଶା ଓବିସି ମଞ୍ଚ ସଭାପତି ଅନାଦି ସାହୁଙ୍କ କଂଗ୍ରେସରେ ଯୋଗଦାନ

କେନ୍ଦ୍ରାପଡ଼ା, ୨୩।୫(ସମିସ): ଆଜି ଅଲ୍ ଓଡ଼ିଶା ଓବିସି ମଞ୍ଚର ସଭାପତି ଅନାଦି ଚରଣ ସାହୁ ବିଧିବଦ୍ଧ ଭାବେ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି । ଏହି ଅବସରରରେ ଆଜି କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଯୁବ ଇଂ ସିଦ୍ଧାର୍ଥ ସ୍ୱରୂପ ଦାଶ କେନ୍ଦ୍ରାପଡ଼ା କଜଳାସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ମିଶ୍ରଣ କାର୍ଯ୍ୟକ୍ରମରେ ଅଲ୍ ଓଡ଼ିଶା ଓବିସି ମଞ୍ଚର ସଭାପତି ଅନାଦି ଚରଣ ସାହୁଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିବା ସହ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଗ୍ରହଣ କରିନେଇଥିଲେ । ଇଂ ଦାଶ କହିଲେ ଯେ ଶ୍ରୀ ସାହୁଙ୍କ ଯୋଗଦାନ ଦଳର ବିଶେଷକରି କେନ୍ଦ୍ରାପଡ଼ା ଜିଲ୍ଲାର ସଂଗଠନକୁ ମଜବୁତ



କରିବ ।। ଶ୍ରୀ ସାହୁ ନିଜ ବକ୍ତବ୍ୟରେ କହିଥିଲେ କି ମୁଁ ସର୍ବଦା କଂଗ୍ରେସର ନୀତି ଆଦର୍ଶକୁ ଭଲପାଏ । ଅନ୍ୟ ଦଳରେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ ମଧ୍ୟ କଂଗ୍ରେସ ଦଳ ପ୍ରତି ଥିବା ମୋର ଦୁର୍ବଳତା ଓ ଭଲପାଇବା ଯୋଗୁଁ ଏବଂ ରାହୁଲ ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳରେ ଯୋଗଦେଲି । କେନ୍ଦ୍ରରେ ଥିବା ବିଜେପି ସରକାର ସାଧାରଣ ଜନତାଙ୍କୁ ମିଛ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଚାଲିଛନ୍ତି । ପିସିସି ଉପସଭାପତି ତଥା କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାରୀ ମାନସ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଲୋକସଭା ପ୍ରଚାର କମିଟି ଉପାଧକ୍ଷ ଉଦୟଭାନୁ ପଢ଼ିହାରି, ଯୁବନେତା ସତ୍ୟପ୍ରିୟ ସାମଲ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ସରକାରୀ ଜମିରୁ ଦିନ ଦ୍ୱିପ୍ରହରରେ ମାଟି ଲୁଟ୍



ଡେରାବିଶ, ୨୩।୫ (ସମିସ): ଡେରାବିଶ ତହସିଲ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଜହ୍ନିମୂଳ ଗ୍ରାମର ଏକ ସରକାରୀ ସ୍ଥାନରୁ ଦିନଦ୍ୱିପ୍ରହରରେ ମାଟି ଲୁଟ ହେଉଥିବା ଦେଖିବାକୁ ମିଳିଛି । ସୂଚନାରୁ ପ୍ରକାଶ ଜହ୍ନିମୂଳ ଗ୍ରାମର ଶ୍ମଶାନ ନିକଟସ୍ଥ ରାସ୍ତା କଡ଼ରେ ଥିବା ସରକାରୀ ଜମିରୁ କେହି ଦୁବୃର୍ତ୍ତ ଜେସିବି ଓ ୧୦ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ଲଗାଇ ଆଜି ମାଟି ତାଡ଼ି ଚାଲାଣ କରୁଥିବା ଦେଖିବାକୁ ମିଳିଛି । ସାଧାରଣ ନିର୍ବାଚନ ପାଇଁ ସରକାରୀ କଳ ବ୍ୟସ୍ତ ରହିଥିବା ସୁଯୋଗରେ ତରବରିଆ ଭାବରେ ଏହି ମାଟି ଲୁଟ ହେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ।

## ଶିକ୍ଷାବିତ୍ ଦତ୍ତକୃଷ୍ଣ ଜେନାଙ୍କ ପରଲୋକ

କେନ୍ଦ୍ରାପଡ଼ା, ୨୩।୫(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମର ଅଧିବାସୀ ତଥା କରିଲୋପାଟଣା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଦତ୍ତକୃଷ୍ଣ ଜେନାଙ୍କ ଭୁବନେଶ୍ୱରସ୍ଥିତ ଏମ୍ସ ହସପିଟାଲରେ ପରଲୋକ ହୋଇଯାଇଛି । ସେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଛାତ୍ର ସଂସଦର ଉପସଭାପତି ଥିଲେ । ସେ ଜଣେ ପରୋପକାରୀ, ନିଃସ୍ୱାର୍ଥପର ତଥା ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ପୁରୋଧା ଥିଲେ । ପଦାର୍ଥ ବିଜ୍ଞାନ ବିଭାଗର ଅଧାପକ ଥାଇ ସେ ବହୁ ମେଧାବୀ ଓ ଗରିବ ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ କରିଥିଲେ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ତଥା କଂସାର ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ଭାରତୀ ଜେନା, ଝିଅ ଅଙ୍କିତା, ଜ୍ୱାଇଁ ବିକ୍ରମ, ତତ୍ୱମସୀ, ସ୍ମୃତିରଞ୍ଜନ, ରୋନି, ସୋନି, ଜଲି, ସିଲି, ଟ୍ୱିଙ୍କିଲ, ବବଲୁ, ଲାଲୁ, ପିଙ୍କୁଲୁଙ୍କ ସମେତ ବନ୍ଧୁ ପରିବାରଜନ ଉପସ୍ଥିତ ଥିଲେ । ଭୁବନେଶ୍ୱରରୁ ତାଙ୍କ ଜନ୍ମମାଟି କେନ୍ଦ୍ରାପଡ଼ାର କଂସାରକୁ



ଶବ ଅଣାଯିବା ପରେ ସେଠାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ରବୀନ୍ଦ୍ରନାଥ ପଣ୍ଡା, ଗଣେଶ୍ୱର ନାୟକ, କଂସାର ସରପଞ୍ଚ ସରୋଜିନୀ ନାୟକ, ସମିତିସଭ୍ୟ ସରୋଜରଞ୍ଜନ ଜେନା, ମନୋଜ ନାୟକ, କରିଲୋପାଟଣା କଲେଜର ଅଧକ୍ଷ ହିମାଂଶୁ ମହାନ୍ତି, ବହୁ ଅଧାପକ, ଛାତ୍ରଛାତ୍ରୀଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ବିଶେଷ ତାଙ୍କ ଶେଷଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ପ୍ରଭୁ ନୃସିଂହଙ୍କ ଜନ୍ମୋତ୍ସବ ପାଳିତ

ଡେରାବିଶ, ୨୩।୫ (ସମିସ): ବୈଶାଖ ଶୁକ୍ଳ ଚତୁର୍ଦ୍ଦଶି ତିଥିରେ ଭଗବାନ ଶ୍ରୀ ନୃସିଂହଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଡେରାବିଶ ବ୍ଲକ ଅଧିନସ୍ଥ ଚାନ୍ଦୋଳ, ଖମୋଳ ପଞ୍ଚାୟତ ଅନ୍ତର୍ଗତ ଡାଳିଜି ଓ ଚାଟରା ଶାସନ ଠାରେ ଥିବା ଶ୍ରୀ ନୃସିଂହଙ୍କ ପୀଠ ଚଳ ଚଞ୍ଚଳ ହୋଇଛି । ପ୍ରାତଃରେ ମଙ୍ଗଳ ଆଳତି ପରେ ଶ୍ରଦ୍ଧାଳୁ ଶ୍ରୀ ଜିୟୁଙ୍କୁ ଦର୍ଶନ ପାଇଁ ଭିଡ ଜମାଇଥିଲେ । ପୂର୍ବାହ୍ନରୁ ମନ୍ଦିର ବେଢ଼ାରେ ଏଥିପାଇଁ ହୋମ, ଯଜ୍ଞ, ଭଜନ କୀର୍ତ୍ତନ, ନାମଯଜ୍ଞ ପୀଠକୁ ଭକ୍ତିମୟ କରିଥିଲା । ସନ୍ଧ୍ୟାରେ ଶ୍ରୀ ଜିୟୁଙ୍କ ବେଢ଼ାରେ ସନ୍ଧ୍ୟା ଆଳତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା ।

# ପାଟକୁରାରେ ବିଜେଡିର ପ୍ରଚାର ଜୋର୍ ଧରିଲା





ଡେରାବିଶ, ୨୩।୫(ସମିସ)

ପାଟକୁରା ନିର୍ବାଚନ ମଣ୍ଡଳୀରେ ୨୦୨୪ ସାଧାରଣ ନିର୍ବାଚନ ଶେଷ ପର୍ଯ୍ୟାୟ ଜୁନ୍ ୧ ତାରିଖରେ ଅନୁଷ୍ଠିତ ହେବ । ନିର୍ବାଚନ ତାରିଖ ଆଉ ମାତ୍ର ୮ ଦିନ ବାକି ଥିବା ବେଳେ ପାଟକୁରାରେ ବିଜେଡ଼ି ତାର ପ୍ରଚାରକୁ ଜୋରଦାର କରିଛି । ପ୍ରତ୍ୟେକ ଦିନ ପାଟକୁରାର ବିଜେଡ଼ି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ବିଭିନ୍ନ ପଞ୍ଚାୟତର ଗାଁକୁ ଗାଁ ବୁଲି ଲୋକମାନଙ୍କୁ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି । ଆଜି ଶ୍ରୀ ମହାପାତ୍ର ମୁକୁନ୍ଦପୁର ପଞ୍ଚାୟତର ସମସ୍ତ ଗ୍ରାମ ଓ ଯଅଁରାବାରିମୂଳ ପଞ୍ଚାୟତର ୧୯ ନଂ ୱାର୍ଡ଼ ଅର୍ତାମୂଳ ଗ୍ରାମର ଘରକୁ ଘର ଯାଇ ଲୋକମାନଙ୍କୁ ଭୋଟ ଭିକ୍ଷା କରିଥିଲେ । ଆଜି ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ଅରବିନ୍ଦ ମଲିକ, ମୁକୁନ୍ଦପୁର ସରପଞ୍ଚ ମିତାରାଣୀ ମଲିକ, ନାଏବ ସରପଞ୍ଚ ବିଚିତ୍ରାନନ୍ଦ ନାୟକ, ପୂର୍ବତନ ସରପଞ୍ଚ ଯୋଗାନନ୍ଦ ମହାନ୍ତି, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ସମାଜସେବୀ ରଜତ ବଳ, କୈଳାସ ପରିଡ଼ା ପ୍ରମୁଖ ଏକ ବିରାଟ ବାଇକ୍ ର୍‌ୟାଲିରେ ପ୍ରାର୍ଥୀ ଶ୍ରୀ ମହାପାତ୍ରଙ୍କୁ ଚାନ୍ଦୋଳ ବଜାର ନିକଟରୁ ମୁକୁନ୍ଦପୁର ଅଭିମୁଖେ ପାଛୋଟି ନେଇଥିଲେ । ପ୍ରଥମେ ଶ୍ରୀ ମହାପାତ୍ର ମୁକୁନ୍ଦପୁର ରାମମନ୍ଦିରରେ ପହଞ୍ଚି ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିବା ପରେ ମୁକୁନ୍ଦପୁର ଓ ପାଣିଓଳା ଗ୍ରାମ, ଯଅଁରାବାରିମୂଳ ପଞ୍ଚାୟତର ୧୯ ନଂ ୱାର୍ଡ଼ ଅର୍ତାମୂଳ ଗ୍ରାମର ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ । ପରେ ମୁକୁନ୍ଦପୁର ପଞ୍ଚାୟତର ନଛିପୁର, ଗିରିଗୋଲା, ଶ୍ରୀଧରପୁର, ପବିତ୍ରପଡ଼ା ଓ ଡାବଳ ଗ୍ରାମରେ ଘରକୁ ଘର ବୁଲି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ ।



ଶେଷରେ ଡାବଳସ୍ଥିତ କବିସୂର୍ଯ୍ୟବ୍ରହ୍ମାଙ୍କ ମଠରେ ପହଞ୍ଚି ଶ୍ରୀଜୀଉଙ୍କ ଆଶିର୍ବାଦ ଭିକ୍ଷା କରିବା ସହ ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ଯୁବ ବିଜେଡ଼ି ସଭାପତି ଗୋଲଖ ଚନ୍ଦ୍ର ସାହୁ, ଦେବରାଜ ମହାପାତ୍ର, ବିଭୁଦେନ୍ଦୁ ପଣ୍ଡା, ସୁଧିରଞ୍ଜନ ମହାନ୍ତି, ସମାଜସେବୀ ଅଭିମନ୍ୟୁ ରାଉତ, ଆଇନଜୀବୀ ଆଶୁତୋଷ ମହନ୍ତି, ପ୍ରଶାନ୍ତ ସାମନ୍ତରାୟ, ମୁକୁନ୍ଦପୁର ସମିତିସଭ୍ୟ ପ୍ରଶାନ୍ତ ବେହେରା, ଜ୍ଞାନେନ୍ଦ୍ର ମହାନ୍ତି, ପ୍ରଶାନ୍ତ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ବଂଶୀଧର ଜେନା, ସନ୍ତୋଷ ମଲିକ, କୃଷ୍ଣଚନ୍ଦ୍ର ବଳ, ରଜତ ବଳ, ଅନାଥବନ୍ଧୁ ଜେନା, ୱାର୍ଡ଼ ସଭ୍ୟସଭ୍ୟା ଓ ଶହଶହ କର୍ମୀ ସହଯୋଗ କରିଥିଲେ ।

ସକାଳ THE SAKALA



www.sakalaepaper.com

# ବାଲିସାହି ମୁଖ୍ୟ ରାସ୍ତା ଶୋଚନୀୟ



**ରାଜକନିକା,୨୩।୫(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ପ୍ରଧାନପଡା ପଞ୍ଚାୟତର ଉପାନ୍ତ ଗାଁ ହେଉଛି ବାଲିସାହି।ବ୍ଲକର ଶେଷ ଗାଁ।ହେଲେ ପ୍ରଶାସନର ଅଣଦେଖା ଯୋଗୁଁ ହିଁ ସବୁ କ୍ଷେତ୍ରରେ ଏହି ଗାଁ ଅବହେଳିତ।ଏମିତିକି ଉପାନ୍ତ ଗାଁ ହୋଇଥିବାରୁ ପ୍ରଶାସନର ଦୃଷ୍ଟି ପଡୁନାହିଁ। ସୂଚନା ମୁତାବକ ବହୁ ସମସ୍ୟା ମଧ୍ୟରେ ଗାଁ ଭିତରକୁ ଯିବା ପାଇଁ ହେଲେ ଖଣ୍ଡିଆ ଖାବରା ରାସ୍ତାକୁ ସାମ୍ନା କରିବାକୁ ପଡେ।ପଞ୍ଚାୟତର ୨ନମ୍ବର ୱାର୍ଡର ଏହି ଗାଁରେ ପରିବାର ସଂଖ୍ୟା ହେଉଛି ୧୦୫ ,ଓ ଲୋକ ସଂଖ୍ୟା ୫୨୦ରୁ ଅଧିକ।ଏହି ଗାଁଟି ବନ୍ୟା ,ବର୍ଷା ପ୍ରପୀଡିତ ଗାଁ।ବନ୍ୟା ଆସିଲେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡି ମାସ ମାସ ଧରି ଜଳବନ୍ଦୀ ଅବସ୍ଥାରେ ଲୋକେ ରହିଆନ୍ତି।ଏଠାକାର ରାସ୍ତା ବି ପ୍ରଭାବିତ ହୁଏ। ଦୀର୍ଘବର୍ଷ ତଳେ ଏଠାରେ ନିର୍ମାଣ ହୋଇଥିବା ମାଆ ବୁଢିବାସୁଳି ରାସ୍ତା ଅବସ୍ଥା ମରାମତି ଅଭାବରୁ ଶୋଚନୀୟହୋଇପଡ଼ିଛି। ଫଳରେ ରାସ୍ତାଟି ଭାଙ୍ଗି ତୁଟି ଗଲାଣି।ଆଣ୍ଠୁଏ ଉଚ୍ଚତାରେ ଘାସ ବି ଉଠିଲାଣି। ଦୈନନ୍ଦିନ ଯାତାୟାତ ବେଳେ ଖଣ୍ଡିଆ ଖାବରା ହେଉଛନ୍ତି ଲୋକେ।ଅଥଚ ରାସ୍ତାର ମରାମତି ହେଉନଥିବାରୁ ଲୋକଙ୍କ ମଧ୍ୟରେତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।ଉପାନ୍ତ ଗାଁ ବୋଲି ସେମାନଙ୍କ ପ୍ରତିଏଭଳି ଅବହେଳା ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି।ତୁରନ୍ତ ବର୍ଷା ପୂର୍ବରୁ ଏହି ରାସ୍ତା ମରାମତି ହେବାର ଆବଶ୍ୟକତା ରହିଛି।ଅନ୍ୟଥା ବର୍ଷା ପରେ ବନ୍ୟା ଆସିଲେ ଏହି ରାସ୍ତାର ଅବସ୍ଥା ଆହୁରି ବିଗିଡି ଯିବ ବୋଲି ଗିରିଧାରୀ ଦାସ ,ଭଜହରି ଦାସ ,ସହଦେବ ଦାସ,ବୀରକିଶୋର ଦାସ ,ଶରତ ଦାସ, ଧରଣୀଧର ଦାସ,ନିରଞ୍ଜନ ଦାସ, କୃପାସିନ୍ଧୁ ଦାସ ପ୍ରମୁଖ ଗ୍ରାମବାସୀ କହିଛନ୍ତି।

# ଦାଣ୍ଡି ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ସ୍ୱାସ୍ଥ୍ୟ ଶିବିର



**ରାଜନଗର, ୨୩।୫(ସମିସ):** ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତର ଦାଣ୍ଡି ଗ୍ରାମରେ ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ୫ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଗୋପୂଜନ, ଆନନ୍ଦ ବଜାରରେ ଅନ୍ନଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଆଦିରେ ସାମିଲ ହୋଇଥିଲେ। ଏ ଅବସରରେ ଅନୁଷ୍ଠିତ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ୨ ଶହରୁ ଅଧିକ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବିତରଣ କରାଯାଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀରଞ୍ଜନ ମହାପାତ୍ର, ଡା. ଆଦିତ୍ୟ ପ୍ରଧାନ, ଡା. ମନୋରଞ୍ଜନ ନାଥ, ଡା. ଆଲୋକ ମହାନ୍ତି, ଡା. ସ୍ୱଦେଶ ମହାନ୍ତି ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ରାଜନଗର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଯୋଗଦେଇଥିଲେ। ସଚ୍ଚିଦାନନ୍ଦ ପାତ୍ର, କଥାକାର ପ୍ରଦୀପ ନାୟକ, ଅମର କୁମାର ଜେନା, ସୁଧିର ବେହୁରା, ଗୁରୁଚରଣ ବରାଳ, ବିଜୟ ପାତ୍ର, ସୁଜାତା ମହାନ୍ତି, ସୁଧିର ଜେନା, ଜ୍ଞାନରଞ୍ଜନ ନାୟକ, ସତ୍ୟନାରାୟଣ ନାୟକ, ଅମୂଲ୍ୟ ନାୟକ, ଯୀଶୁଖ୍ରୀଷ୍ଟ ରାଉତ, ପ୍ରଦୀପ୍ତ ବେହୁରା, ପତ୍ରକାର ଭାସ୍କର ରାଉତରାୟ, ଶୈଳେନ୍ଦ୍ର ସ୍ୱାଇଁ, ରଞ୍ଜନ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଆଜିଠୁ ହୋମ୍ ଭୋଟିଂ
# ଶତପ୍ରତିଶତ ମତଦାନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିବେଦନ

**କେନ୍ଦ୍ରାପଡ଼ା,୨୩।୫(ସମିସ):** ଭୋଟ ଗ୍ରହଣର ଗୋପନୀୟତାକୁ ଭଙ୍ଗ ନ କରି ଆସନ୍ତାକାଲିଠୁ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି ହୋମ୍ ଭୋଟିଂ। ମେ ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ଭୋଟ୍‌ଗ୍ରହଣ ଜିଲ୍ଲାରେ ଜାରି ରହିବ। ଏ ନେଇ ଜିଲ୍ଲା ପରିଷଦ ସମ୍ମିଳନୀ ସଭାକକ୍ଷରେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ପୋଲିଂ ଅଧିକାରୀ, ମାଇକ୍ରୋ ଅବଜରଭର୍‌ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶତ ପ୍ରତିଶତ ହୋମ୍ ଭୋଟିଂ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ନିବେଦନ କରିଛନ୍ତି। ଭଦ୍ର ଓ ଶାଳୀନ ବ୍ୟବହାର ସହ ସମ୍ପୂର୍ଣ୍ଣ ଗୋପନୀୟତା ରକ୍ଷା କରି ଭୋଟଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। କେନ୍ଦ୍ରାପଡ଼ା ଲୋକସଭା ଆସନ ସମେତ ୯୬-ପାଟପୁରା, ୯୭-କେନ୍ଦ୍ରାପଡ଼ା, ୯୮-ଆଳି, ୯୯-ରାଜନଗର, ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ହୋମ୍ ଭୋଟିଂ ଗ୍ରହଣ କରାଯିବ। ପୂର୍ବରୁ ସଠିକ୍ ଫର୍ମ ପୂରଣ କରି ହୋମ୍ ଭୋଟିଂ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ୮୫ ବର୍ଷରୁ ଉଦ୍ଧ୍ୱର୍ ବରିଷ୍ଠ ନାଗରିକ ଓ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଭୋଟର୍‌ମାନେ ଏଥିରେ ଅଂଶଗ୍ରହଣ କରିବେ। କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ରର ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ବର୍ଗରେ ମୋଟ୍ ୨୩୪ ଜଣ ଓ ୮୫ ବର୍ଷରୁ ଅଧିକ ବର୍ଗରେ ୭୯୩ଜଣ ଭୋଟ୍ ଦେବେ। ଏହା ସହ ଜୁନ୍ ୧ ତାରିଖରେ ପୋଲିଂ ଡ୍ୟୁଟିରେ ଥିବା କର୍ମଚାରୀମାନଙ୍କ ଭୋଟ୍ ଗ୍ରହଣ ମଧ୍ୟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ପୋଲିଂ ପର୍ସୋନେଲ୍‌ମାନଙ୍କ ପାଇଁ ୨୪ ତାରିଖରୁ ଆରମ୍ଭ ହେଉଥିବା ଏହି ଭୋଟ୍ ଗ୍ରହଣ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଡେରାବିଶର ସୁଦର୍ଶନ ଉଚ୍ଚବିଦ୍ୟାଳୟ, ଇଚ୍ଛାପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ ସମୟରେ ୬୯୨୪ଜଣ ପୋଲିଂ କର୍ମଚାରୀ ପୋଷ୍ଟାଲ୍ ବାଲାଟ୍ ମାଧ୍ୟମରେ ଭୋଟ ଦେବେ। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା ବିସ୍ତୃତଭାବେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ସିଡିଓ ତଥା ଇଓ ଦୟାସିନ୍ଧୁ ପରିଡ଼ା, ପଟ୍ଟାମୁଣ୍ଡାଇ ମୁନିସିପାଲିଟିର ଇଓ ଅଜିତ୍ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍ ଆଦ୍ୟାଶା ରଥ, ମହାକାଳପଡ଼ାର ଅତିରିକ୍ତ ତହସିଲଦାର ଶାନ୍ତିଲତା ହେମ୍ବ୍ରମ୍, ଗରଦପୁରର ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଆସିଷ୍ଟାଣ୍ଟ କଲେକ୍ଟର ତ୍ରିଭୁବନ ଜୟସିଂ, ସମସ୍ତ ମାଇକ୍ରୋ ଅବଜରଭର୍, ପୋଲିଂ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ବଡ଼ଙ୍ଗାରେ ବିଜେଡିର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବାଲିକୁଦା,୨୩।୫(ସମିସ):** ବାଲିକୁଦା ବ୍ଲକ ବଡଙ୍ଗା ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନୀ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ବାଲିକୁଦା ବ୍ଲକ ସଭାପତି ରତ୍ନାକର ନାୟକ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷ ସଦସ୍ୟା ରୁନିଲତା ବେହେରା, ରାଜ୍ୟ ବିଜେଡି ଯୁବ ସଂଗଠକ କମଳାକାନ୍ତ ମହାପାତ୍ର, ସରପଞ୍ଚ ଟୁନିଲତା ବେହେରା, ସମିତିସଭ୍ୟା ରତ୍ନପ୍ରିୟା ସାସମଲ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ନିର୍ବାଚନୀ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସଭାପତି ପଞ୍ଚାୟତ ସଭାପତି କାହ୍ନୁଚରଣ ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ମହାନ୍ତି, ପୂର୍ବତନ ସମିତି ସଭ୍ୟ ନବକିଶୋର ଜେନା, ଶଶୀରଥୀ ସାହୁ, ବେଣୁଧର ଲେଙ୍କା, ମନୋଜ ଷଡ଼ଙ୍ଗୀ, ରମେଶ ସେଠୀ, ଦିଲ୍ଲୀପ ଲେଙ୍କା, ସଞ୍ଜୟ ବାରିକ, ବିଶ୍ୱରଞ୍ଜନ ଜେନା, ସଞ୍ଜୟ ବେହେରା, ରଶ୍ମୀରଞ୍ଜନ ବାରିକ, କେଦାର ନାୟକ, କମଳ କିରଣ ବିଶ୍ୱାଳ, ବିଶ୍ୱଜିତ ଲେଙ୍କା, ମୋଗଲ ମହାରଣା, ରବୀନ୍ଦ୍ର ବିଶ୍ୱାଳଙ୍କ ସହ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡରେ ୩ ବଖରା ଭସ୍ମୀଭୂତ



**ରାଜନଗର, ୨୩।୫(ସମିସ):** ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଅନ୍ତର୍ଗତ ଧାନଦିଆ ଗ୍ରାମରେ ଆଜି ଆକସ୍ମିକ ଅଗ୍ନିକାଣ୍ଡ ଘଟି ସନାତନ ରାଉତ ଓ ମଙ୍ଗୁଳି ରାଉତଙ୍କ ୩ ବଖରା ଘର ସମେତ ସମସ୍ତ ଆସବାସପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ରାଜନଗର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ସନାତନଙ୍କ ବାପା ଯଦୁମଣି ଗୁରୁତର ଆହତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପରିବାର ଲୋକେ ଗାଁରେ ଥିବା ଆମ ଗାଁ ଆମ ବିକାଶ ଗୃହରେ ଆଶ୍ରୟ ନେଇଛନ୍ତି। ବିପନ୍ନ ପରିବାରକୁ ପଞ୍ଚାୟତ ପକ୍ଷରୁ ୩ ଦିନର ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ବିପନ୍ନ ପରିବାରକୁ ବାଲିସାହିପାଟଣା ସରପଞ୍ଚ କୈଳାସ ଚନ୍ଦ୍ର ପରିଡା, ଦିଲ୍ଲୀପ କୁମାର ପାତ୍ର, ଜୟନ୍ତ ପରିଡା ପ୍ରମୁଖ ଭେଟି ସମବେଦନା ଜଣାଇବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଚଟୁଆ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



**ଏରସମା, ୨୩।୫(ସମିସ):** ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଚଟୁଆ ପଞ୍ଚାୟତ ବିଜେଡି କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏରସମା ବ୍ଲକ୍ ଅଧ୍ୟକ୍ଷା ଓ ଏରସମା ବ୍ଲକ୍ ବିଜୁ ଜନତା ଦଳର ସଭାପତି ପୀତବାସ ଗୋଛାୟତ ଆନୁଷ୍ଠାନିକ ଭାବେ କାର୍ଯ୍ୟାଳୟ ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏରସମା ବ୍ଲକ୍ ବିଜୁ ଜନତା ଦଳର ଯୁବ ଉପସଭାପତି ଲୋକନାଥ ରାଉତ, ଚଟୁଆ ପଞ୍ଚାୟତ ସମିତିସଭ୍ୟା ମୋନାଲିସା ମହାପାତ୍ର, ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ମହାନ୍ତି, ପୂର୍ବତନ ସମିତି ସଭ୍ୟ ତଥା ଆଇନଜୀବୀ ପଦ୍ମଲୋଚନ ଦାଶ, ପୂର୍ବତନ ସମିତି ସଭ୍ୟ ନକୁଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ବିଜେପିର ନାରୀନେତ୍ରୀ ଅହଲ୍ୟା ମିଶ୍ର, ଚିତ୍ତରଞ୍ଜନ ବାରିକ ଓ କଂଗ୍ରେସ କର୍ମୀ ଦାଶରଥି ମଲିକଙ୍କୁ ଏରସମା ବ୍ଲକ୍ ଅଧ୍ୟକ୍ଷା ଓ ଏରସମା ବ୍ଲକ୍ ବିଜୁ ଜନତା ଦଳର ସଭାପତି ପୀତବାସ ଗୋଛାୟତ ଉପଢୌକନ ଓ ପୁଷ୍ପମାଲ୍ୟ ଦେଇ ବିଜୁ ଜନତା ଦଳକୁ ସ୍ୱାଗତ କରିଥିଲେ।

# ଅଗ୍ନିବିପନ୍ନଙ୍କୁ ସହାୟତା



**ଜଗତସିଂହପୁର, ୨୩।୫(ସମିସ):** ଅଗ୍ନି ବିପନ୍ନକୁ ସାହାଯ୍ୟର ହାତ ବଢ଼ାଇଲା ଆଶୀର୍ବାଦ ସେବା ସଂଗଠନ। ଜଗତସିଂହପୁର ବ୍ଲକ ଅନ୍ତର୍ଗତ ସଭାମୂଳ ଗ୍ରାମର ବ୍ରହ୍ମାନନ୍ଦ ଭୋଇଙ୍କ ଦୁଇ ବଖରା ଚାଳ ଛପର ଘର ଛାରଖାର ହୋଇଯାଇଛି। ଉକ୍ତ ଗ୍ରାମର କେହିଜଣେ ଦୃର୍ବୃତ୍ତ ରାଜନୀତି ଆକ୍ରୋଶ ରଖି ରାତି ଅଧିଆ ନିଆଁ ଲଗାଇ ଏଇଭଳି କାଣ୍ଡ ଘଟାଇ ଥିବାର ସୂଚନା ମିଳିଛି। ତେବେ ନିଆଁ ଆଖି ପିଛୁଳାକେ ବ୍ୟାପି ଯିବାରୁ ଅସହାୟ ହୋଇପଡିଛନ୍ତି ବ୍ରହ୍ମାନନ୍ଦଙ୍କ ପରିବାର। ପାଖାପାଖି ଏକ ଲକ୍ଷ ଟଙ୍କାର ସମ୍ପତ୍ତି ଜଳି ପାଉଁଶ ହୋଇଯାଇଥିବା କୁହା ଯାଉଛି। ଧାନ ,ମୁଗ ବସ୍ତା ଗୋରୁଙ୍କ ମଧ୍ୟ କ୍ଷୟକ୍ଷତି ହୋଇଛି। ଦମକଳ ଗାଡି ଆସି ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇବା ପରେ ବିପନ୍ନ ପରିବାରକୁ ସହ ଯୋଗରେ ହାତ ବଢ଼ାଇଛି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନ। ସଂଗଠନର ସଭାପତି ଜଗନ୍ନାଥ ବେହେରା, ରଶ୍ମୀ ରଞ୍ଜନ ମହାନ୍ତି, ସନ୍ତୋଷ କରଣ, ଦୀପ୍ତି ରଞ୍ଜନ ବିଶ୍ୱାଳ, ଶ୍ରଦ୍ଧାନନ୍ଦ ଜେନା ପ୍ରମୁଖ ପହଞ୍ଚି ଉକ୍ତ ପରିବାରକୁ କିଛି ରାସନ୍ ସାମଗ୍ରୀ ପ୍ରଦାନ କରିଥିଲେ।

# କେନ୍ଦ୍ରାପଡ଼ା ଜିଲ୍ଲା ଇତିହାସ ରଚୟିତା ପ୍ରତାପ ରାୟଙ୍କ ସ୍ମୃତିସଭା



**କେନ୍ଦ୍ରାପଡ଼ା,୨୩।୫(ସମିସ):** କେନ୍ଦ୍ରାପଡା ଜିଲ୍ଲାର ଇତିହାସ ରଚୟିତା ପ୍ରତାପ ରାୟଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ସ୍ମୃତିସଭା ଗରାପୁରସ୍ଥ ଶ୍ରୀଗୋପାଳଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉତ୍କଳ ସମ୍ମିଳନୀର ସଭାପତି ସୁଦର୍ଶନ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ କବି ମାନସୀପ୍ରଭା ସ୍ୱାଇଁ, ସାରଥୀ କାନୁନଗୋ, ସୁରେନ୍ଦ୍ର ପଣ୍ଡା, ଧନେଶ୍ୱର ବାବା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଦୟାନନ୍ଦ ସେବାଶ୍ରମର ଅଧ୍ୟକ୍ଷ ମଦନ ବାବା ଘୃତଯଜ୍ଞ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ନାଥ ମହାନ୍ତି, ପ୍ରେମଲତା ଗିରି, ପ୍ରତାପ ମହାପାତ୍ର, ପ୍ରଣବ କୁମାର ଜେନା, ଦୟାନିଧି ଦାଶ, ଅଭୟ କୁମାର ଜେନା, ଭୀମସେନ ପ୍ରଧାନ, ସୁଚିତ୍ରା ସାମଲ ପ୍ରମୁଖ ସ୍ୱର୍ଗତ ରାୟଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଉପରେ କବିତା ପାଠ କରିଥିଲେ। ସମସ୍ତ କବି ଓ କବୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ

# ୧୦୫୧ ବୁଥ୍ ପାଇଁ ୬୯୯୩ ଜଣ ଅଧିକାରୀଙ୍କୁ ତାଲିମ ପ୍ରଦାନ



**ଜଗତସିଂହପୁର, ୨୩।୫(ସମିସ):** ସାଧାରଣ ନିର୍ବାଚନ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ନିର୍ବାଚନକୁ ଅବାଧ ଓ ତ୍ରୁଟିଶୂନ୍ୟ କରିବାକୁ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କ ପ୍ରଶିକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ମାସ ୨୩ ତାରିଖ ରୁ ୨୬ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅନୁପମ ସାହା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ର ୪ ଟି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ୪ ଟି ଭିନ୍ନ ଭିନ୍ନ ସ୍ଥାନରେ ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନର ମାନଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଜିଲ୍ଲା ର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳକୁ ମିଶାଇ ୧୦୫୧ ଟି ବୁଥ୍ ପାଇଁ ସମୁଦାୟ ୬୯୯୩ ଜଣ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଉଛି।ସେଥିମଧ୍ୟରୁ ୪୯୬୭ ଜଣ ପୁରୁଷ ଅଧିକାରୀ ହୋଇଥିବା ବେଳେ ୨୦୨୬ ଜଣ ମହିଳା ଅଧିକାରୀ।୧୦୧ ପାରାଦୀପ ନିର୍ବାଚନମଣ୍ଡଳୀ ପାଇଁ ସାରଳା ମହାବିଦ୍ୟାଳୟ, ରାହାମାଠାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିବା ବେଳେ ୧୦୨ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ନିମନ୍ତେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁରଠାରେ, ୧୦୩ ବାଲିକୁଦା -ଏରସମା ନିର୍ବାଚନମଣ୍ଡଳୀ ନିମନ୍ତେ ସୁଦ୍ଧାନନ୍ଦ ପବ୍ଲିକ ସ୍କୁଲ ଓ ୧୦୪ ଜଗତସିଂହପୁର ନିର୍ବାଚନମଣ୍ଡଳୀ ନିମନ୍ତେ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ, ମାର୍କଣ୍ଡପୁର ଠାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅୟୋଜିତ କରାଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ସୁପରଭାଇଜିଂ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ ରାଉତ, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ, ଲଳିତ ମୋହନ ବେହେରା ଓ ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଦାୟିତ୍ୱରେ ଅଛନ୍ତି। ଏହାଛଡ଼ା ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ କେହି ଯେପରି ମତଦାନ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ସମୟରେ ନିଜ ନିର୍ବାଚନ ମଣ୍ଡଳୀଠାରୁ ଦୂରରେ ନିୟୋଜିତ ହୋଇଥିବା ଅଥବା ନିର୍ବାଚନ ପ୍ରକ୍ରିୟା ରେ ନିୟୋଜିତ ହୋଇଥିବା ୪୫୦୯ ଜଣ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀ ମାନେ ଫର୍ମ୍ ୧୨ ରେ ଆବେଦନ କରିଥିଲେ। ସେହି ଅଧିକାରୀ ମାନଙ୍କ ନିମନ୍ତେ ଟ୍ରେନିଂ ସେଣ୍ଟର ଗୁଡିକରେ ଫାସିଲିଟେସନ ସେଣ୍ଟର କରାଯାଇଛି, ଯେଉଁ ଠାରେ ସେମାନେ ନିଜର ମତଦାନ କରିପାରିବେ। ଜିଲ୍ଲାପାଳ ଶ୍ରୀ ସାହା ମଧ୍ୟ ଆଜି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ପୋଷ୍ଟାଲ ଭୋଟିଂ କାର୍ଯ୍ୟକ୍ରମକୁ ବୁଲି ଦେଖିବା ସହ ଆବଶ୍ୟକୀୟ ବ୍ୟବସ୍ଥା ବିଷୟରେ ବୁଝିଥିଲେ। ପୋଷ୍ଟାଲ ଭୋଟିଂ ନୋଡାଲ ଅଧିକାରୀ ତଥା ଅତିରିକ୍ତ ଉପଜିଲ୍ଲାପାଳ ବିବୁଧ ଗଡନାୟକ ଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମେ ମାସ ୨୩ ତାରିଖ ରୁ ୨୬ ତାରିଖ ପର୍ଯ୍ୟନ୍ତ ସକାଳ ୮ ଟା ରୁ ଚାଲିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଡେପୁଟି କଲେକ୍ଟର, ସମସ୍ତ ବ୍ଲକ୍ ର ବି ଡି ଓ, ତହସିଲଦାର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଏ ବି ଡି ଓ, ବି ଏସ୍ ଏସ୍ ଓ ପ୍ରମୁଖ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

# ନୃସିଂହଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



**କେନ୍ଦ୍ରାପଡ଼ା,୨୩।୫(ସମିସ):** ଗରାପୁରସ୍ଥ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଜିଲ୍ଲାର ପଟ୍ଟାମୁଣ୍ଡାଇ ବଣିଆ ସାହିସ୍ଥ ନୃସିଂହ ଦାସଙ୍କ ବାସଭବନରେ ଶ୍ରୀଶ୍ରୀ ନୃସିଂହଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୃସିଂହଜୀଉଙ୍କ ବିଗ୍ରହ ପରିକ୍ରମା କରାଯାଇ ମନ୍ଦିର ପ୍ରବେଶ କରାଯାଇଥିଲା। ପରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉପସ୍ଥିତ ଲୋକଙ୍କୁ ନୃସିହ ଚତୁର୍ଦ୍ଦଶୀ ପାଳନ କରିବାକୁ ପରାମର୍ଶ ଦେଇ କହିଥିଲେ, ନୃସିଂହ ଭଗବାନଙ୍କ ବିଜମନ୍ତ୍ର ପାଠକଲେ ପରିବାର, ଗ୍ରାମ ଓ ଦେଶର ମଙ୍ଗଳ ସାଧିତ ହୋଇଥାଏ। ଏହି ଉତ୍ସବରେ କାଉନସିଲର ପ୍ରସନ୍ନ ଦାସ, ଶିକ୍ଷାବିତ ପ୍ରମୋଦ କୁମାର ନାୟକ, ମଣ୍ଟୁ ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ ଆଚାର୍ଯ୍ୟବର୍ଗଙ୍କ ଦ୍ୱାରା ଯଜ୍ଞକର୍ମ ସମାପନ ପୂର୍ବକ ପ୍ରଣବ ମହାମନ୍ତ୍ର ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁନମ ନାୟକ, ନୃସିଂହ ଦାସ, ଚିକୁନ ଦାସ, ନିଲୁ କୁମାର ଦାସ, ଧିରେନ୍ଦ୍ର କୁମାର ଦାସ, ତପସ୍ୱିନୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏ ଅବସରରେ ୬ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଭଜନ ପରିବେଷଣ କରାଯାଇଥିଲା।


ଢେଙ୍କାନାଳ ପୌରାଞ୍ଚଳରେ ବିଜେଡି ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି ଅଭିନେତ୍ରୀ ସ୍ୱପ୍ନା ପ୍ରିୟଦର୍ଶିନୀ

# ସରିଲା ପ୍ରଚାର; ବଢ଼ିଲା ଭୋଟ ତାତି

**ତାଳଚେର ସଦର, ୨୩।୫(ସମିସ)**

୨୦୨୪ ସାଧାରଣ ନିର୍ବାଚନ ଚଳିତ ମାସ ୨୫ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଆଜି ଏହାର ପ୍ରଚାର ପ୍ରସାର ସନ୍ଧ୍ୟା ୬ଘଟିକାରୁ ବନ୍ଦ ହୋଇଛି। ତେବେ ୨୦୨୪ ନିର୍ବାଚନରେ ହାତୀ କାହା ମୁଣ୍ଡରେ ସୁନାକଳସ ଢ଼ାଳିବ ତାକୁ ନେଇ ରାଜନୈତିକ ମହଲରେ ଅଙ୍କକଷା ଆରମ୍ଭ ହୋଇଗଲାଣି। ତାଳଚେର ବିଧାନସଭା ଆସନରେ ସର୍ବମୋଟ ୧୦ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବିଜେପି, ବିଜେଡି ଓ କଂଗ୍ରେସ ସମେତ ଅନ୍ୟାନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ତିନିଜଣ ନିର୍ବାଚନରେ ଭାଗ ନେଇଛନ୍ତି। ବିଗତ ୨୦୧୯ ନିର୍ବାଚନରେ ତାଳଚେର ବିଧାନସଭାର ଭୋଟ ସଂଖ୍ୟା ଲକ୍ଷେ ୭୮ହଜାର ୬୦୯ ରହିଥିବା ବେଳେ ୨୦୨୪ରେ ଭୋଟର ସଂଖ୍ୟା ୧ଲକ୍ଷ ୬୪ହଜାର ୨୪୯ ରହିଛି। ଚଳିତବର୍ଷ ୧୪ ହଜାର ୩୬୦ଭୋଟର ବାଦ୍ ପଡ଼ିଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ୨୦୨୪ ନିର୍ବାଚନରେ ପୁରୁଷ ଭୋଟର ସଂଖ୍ୟା ୮୫ହଜାର ୧୧୨, ମହିଳା ୬୯ହଜାର ୧୦୫, ସମଲିଙ୍ଗ ୩୨ଜଣ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ୨୫ତାରିଖରେ ହେବାକୁ ଥିବା ମତଦାନ ପାଇଁ ୨୯ଟି ପଂଚାୟରେ ୨୦୧ଟି ବୁଥ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ବୁଥ ଗୁଡ଼ିକରେ ଭୋଟରମାନଙ୍କ ପାଇଁ ସମସ୍ତ ସର୍ବନିମ୍ନ ସୁବିଧା କରାଯାଇଛି। ଏହି ୨୦୧ ବୁଥ ମଧ୍ୟରୁ ବଡ଼ ଗୁଣ୍ଡୁରୀ ୧, କଂସମୁଣ୍ଡା ୧, ବିଜିଗୋଳ ୧, ଚିତଲପୁର - ଢ଼ଅଁରା ୧, ଗୁରୁଜାଙ୍ଗ ୧, କଙ୍କିଳି ୩, ତାଳବେଢ଼ା-ଢ଼େରା ୧, ବଡ଼ଯୋରଡ଼ା ୧, କର୍ଣ୍ଣପୁର ୧, ଗୋବରା ୧, ଘଣ୍ଟପଡ଼ା ୧, ବହ୍ଲର-ସନ୍ଥପଡ଼ା ୧, ଗୁରୁଜାଙ୍ଗୁଲି - ତାଳଚେର ପୌରପାଳିକାର ୧୯ନମ୍ବର ୱାର୍ଡ, ୧୨ନମ୍ବର ୱାର୍ଡ଼ର ୧ ବୁଥ୍ ଓ ୧୧ନମ୍ବର ୱାର୍ଡ଼ର ପ୍ରମୁଖ ୨୦ଟି ବୁଥ ସମ୍ବେଦନଶୀଳ ବା ଉତ୍ତେଜନାପୂର୍ଣ୍ଣ ଚିହ୍ନଟ କରାଯାଇଛି। ସେଥି ମଧ୍ୟରୁ ୧୨୧ଟି ବୁଥ ୱେବ କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ପ୍ରାୟ ୩୭ବୁଥରେ ସମସ୍ତ ପୁଲିଂ କର୍ମଚାରୀଭାବେ ମହିଳାଙ୍କୁ ନିୟୋଜିତ କରାଯାଇଥିବା ଜଣାଯାଇଛି। ନିର୍ବାଚନ ପରିଚାଳନା କାର୍ଯ୍ୟକ୍ରମରେ ୨୦୧ଜଣ ପ୍ରିଜାଇଡିଂ ଅଫିସର ଏବଂ ୧ ହଜାର ସେକେଣ୍ଡ ଅଫିସର ନିୟୋଜିତ ହୋଇଥିବା ଉପଜିଲ୍ଲାପାଳ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

- ୨୦୧ ପ୍ରିଜାଇଡିଂ ଅଫିସର ନିୟୋଜିତ
- ତାଳଚେର ବିଧାନସଭା ଲାଗି ୧୦ ପ୍ରାର୍ଥୀ

■ ହିଙ୍ଗୁଳା କ୍ଷେତ୍ର ପକ୍ଷରୁ ରକ୍ତଦାନ ଶିବିର

# ୪୩ ୟୁନିଟ୍ ରକ୍ତ ସଂଗୃହୀତ




**ତାଳଚେର,୨୩।୫(ସମିସ):** ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ତାଳଚେରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ସ୍ଥାନୀୟ ଏମସିଏଲ ହିଙ୍ଗୁଳା କ୍ଷେତ୍ର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବଳରାମ ଟାଉନସିପ୍ ସ୍ଥିତ ଏନଜୟ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ହିଙ୍ଗୁଳା କ୍ଷେତ୍ରର ମହାପ୍ରବନ୍ଧକ ବି.ମେହମୁଦ ମିୟା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ପ୍ରୋଜେକ୍ଟ ଅଫିସର ଏସ.ଡି ଜୋଶୀ,ଏଏମଓ ଡା ବିଜୟ କୁମାର,ଏପିଏମ ଆର.କେ. ପୃଷ୍ଟି,ଏସଓ(ଏଲ ଏଣ୍ଡ ଆର) ଶୁକ୍ରା ବେକ୍ ଏବଂ ଶ୍ରମିକ ନେତା ମନୋଜ କୁମାର ସାହୁ, ସୁବ୍ରତ କୁମାର ମାଝୀ, ଚଞ୍ଚଳା ସାହୁ ଏବଂ ପ୍ରତାପ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଭା ମହିଳା ମଣ୍ଡଳର ଅଧ୍ୟକ୍ଷା ରିଜୱାନ ମେହମୁଦ ଏବଂ ସମସ୍ତ ସଦସ୍ୟାଗଣ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ମହତ କାର୍ଯ୍ୟ ନିମନ୍ତେ ଅଭିନନ୍ଦନ ଜଣାଇଥିଲେ। ରାମଦାସ ଟୁଡୁ ଏବଂ ହିଙ୍ଗୁଳା କ୍ଷେତ୍ରର ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଶିବିରରେ ଉପସ୍ଥିତ ହୋଇ ରକ୍ତଦାନ କରିଥିଲେ। ଏହି ଶିବିରରୁ ମୋଟ ୪୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ଭାରତ ବିକାଶ ପରିଷଦ ଓ ଲାୟନ୍ସ କ୍ଲବ୍ ପକ୍ଷରୁ ଜଳଛତ୍ର



**ଅନୁଗୋଳ, ୨୩।୫(ସମିସ):** ଅନୁଗୋଳ ପୁରୁଣା ବସ୍ ଷ୍ଟାଣ୍ଡ ଠାରେ ଭାରତ ବିକାଶ ପରିଷଦ, ଲାୟନ୍ସ କ୍ଲବ୍, ଆତ୍ମା ଭଗବାନ ସଂସ୍ଥା, ଚେତନା ସାହିତ୍ୟ ପରିଷଦ ପକ୍ଷରୁ ଗତ ପ୍ରାୟ ଏକ ମାସ ଧରି ଚାଲିଆସିଥିବା ଜଳ ବିତରଣ କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ଉଦଯାପିତ ହୋଇଯାଇଛି। ଅବସରପ୍ରାପ୍ତ ସିଡିଏମଓ ତଥା ଚିନ୍ମୟ ମିଶନର ବରିଷ୍ଠ ପ୍ରବଚକ ଡ଼ା ଉମେଶ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ଅଙ୍ଗଦାନ, ରକ୍ତଦାନ ପରେ ଜଳଦାନ ସବୁଠାରୁ ପୁଣ୍ୟ ବୋଲି ଡ଼ା ଦାସ ମତ ରଖିଥିଲେ। ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର୍ ସର ଜଳ ବିତରଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ସହଯୋଗୀ ସଂସ୍ଥାକୁ ଧନ୍ୟବାଦ୍ ଦେବା ସହ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ଉଲ୍ଲେଖ କରିଥିଲେ। ଏ ଅବସରରେ ମୁଖ୍ୟ ଅତିଥି ଡ଼ା ଦାସ ଏବଂ ବରିଷ୍ଠ ସାମ୍ବାଦିକ ବିଶ୍ୱରଂଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲାୟନ୍ସ କ୍ଲବ ଅନୁଗୋଳ ଶାଖାର ବରିଷ୍ଠ ସଦସ୍ୟ ବଜରଙ୍ଗଲାଲ ଅଗରୱାଲ୍, ମନ୍ମଥ ଦାସ, ସମାଜସେବୀ ବିଜୟ ମୋଦି, ଶିକ୍ଷାବିତ୍ ସରୋଜ ପାଣିଗ୍ରାହୀ, ଅସିତ୍ ପଟ୍ଟନାୟକ, ଗୋଲାପ ନନ୍ଦ, ଗୀତାମୟୀ ମହାପାତ୍ର, ଶୈଳେଶ ଚନ୍ଦ୍ର ଦାସଗୁପ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେନ୍ଦ୍ରରେ ପ୍ରତିଦିନ ଥଣ୍ଡା ପାଣି ସହ ସରବତ, ଦହି ପଣା, ଆମ୍ବ ପଣା ଆଦି ପ୍ରଦାନ କରାଯାଇଥିଲା। ସେହିଭଳି ଜଳ ବିତରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମସ୍ତ ସଭ୍ୟଙ୍କୁ ଲାୟନ୍ସ କ୍ଲବ୍ ପକ୍ଷରୁ ପ୍ରମାଣପତ୍ର ଦିଆଯାଇଥିଲା।

**ପ୍ରସ୍ତୁତି ଚୂଡ଼ାନ୍ତ, ବୁଥ ମୁହାଁ ପୋଲିଂ ପାର୍ଟି**

# ଢେଙ୍କାନାଳ ଲୋକସଭାରେ ୧୦ ଓ ବିଧାନସଭାରେ ୨୯ ପ୍ରତିଦ୍ୱନ୍ଦ୍ୱୀ




**ଢେଙ୍କାନାଳ, ୨୩।୫ (ସମିସ) :** ଢେଙ୍କାନାଳ ଲୋକସଭା ଅନ୍ତର୍ଗତ ଢେଙ୍କାନାଳ ଏବଂ ୪ଟି ବିଧାନସଭା ପାଇଁ ଗୁରୁବାର ପ୍ରଚାର ଶେଷ ହୋଇଛି। ଲୋକସଭା ପାଇଁ ୧୦ ଜଣ ଓ ବିଧାନସଭା ପାଇଁ ୨୯ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାପଡ଼ିଛି। ଶନିବାର ଭୋଟଗ୍ରହଣ ହେବାକୁ ଥିବା ବେଳେ ପୋଲିଂ ପାର୍ଟି ବିଭିନ୍ନ ବୁଥରେ ପହଞ୍ଚିଥିବା ଜଣାପଡ଼ିଛି।

ଜିଲ୍ଲାରେ ସାଧାରଣ ନିର୍ବାଚନ ପରିପ୍ରେକ୍ଷିର ଲୋକସଭା ପାଇଁ ଉତ୍କଳ ସମାଜ ତରଫରୁ ସ୍ୱପ୍ନାରାଣୀ ଜେମସ, ସ୍ୱାଧୀନ ଭାବରେ କୈଳାସ ଚନ୍ଦ୍ର ପ୍ରଧାନ, ଜନାର୍ଦ୍ଦନ ନାଏକ, ପ୍ରିୟବ୍ରତ ଗଡ଼ନାୟକ, ମହେଶ୍ୱର ସାହୁ, ବହୁଜନ ସମାଜ ପାର୍ଟି ତରଫରୁ ପ୍ରଫୁଲ୍ଲ କୁମାର ନାଏକ, ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ସସ୍ମିତା ବେହେରା, ବିଜେପିର ରୁଦ୍ର ନାରାୟଣ ପାଣି, ଆମ୍ବେଦକର ଦଳ ତରଫରୁ ମାନସୀ ସ୍ୱାଇଁ ଏବଂ ବିଜେଡି ତରଫରୁ ଡା. ଅବିନାଶ ସାମଲ ପ୍ରତିଦ୍ୱନ୍ଦିତା କରୁଛନ୍ତି।

ସେହିପରି ଢେଙ୍କାନାଳ ବିଧାନସଭା କ୍ଷେତ୍ରରେ ସମୃଦ୍ଧ ଓଡ଼ିଶାର ସ୍ୱସ୍ତିଦା ଶତପଥୀ, ସ୍ୱାଧୀନ ଭାବରେ ବିକାଶ ନାୟକ, ଉତ୍ତମ ମହାନ୍ତି, ମେଘନାଦ ନନ୍ଦ, ବିଜେପିର କୃଷ୍ଣଚନ୍ଦ୍ର ପାତ୍ର, କଂଗ୍ରେସ ତରଫରୁ ସୁସ୍ମିତା ସିଂହଦେଓ, ଆପ୍ ର ଭରତ କୁମାର ଦାସ, ବିଜେଡି ତରଫରୁ ସୁଧୀର କୁମାର ସାମଲ ପ୍ରମୁଖ ୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ଭାବରେ ବିଜେଡିର ମହେଶ ସାହୁ, ବିଜେପିର ସୀମାରାଣୀ ନାୟକ, କଂଗ୍ରେସର ଗୋବିନ୍ଦ ଶେଖର ନାଏକ, ସ୍ୱାଧୀନ ଭାବରେ କୈଳାସ ଚନ୍ଦ୍ର ନାଏକ ଓ ଜ୍ୟୋତ୍ସ୍ନାମୟୀ ବେହେରା ଏଭଳି ୫ଜଣ ପ୍ରାର୍ଥୀ ରହିଛନ୍ତି।

ପରଜଙ୍ଗରେ ସ୍ୱାଧୀନ ଭାବରେ ବିଜୟ କୁମାର ରାଉତ ରାୟ, ରଘୁ ସିଂହ, ପତିତପାବନ ମହାପାତ୍ର, ଅଜୟ କୁମାର ବିଶ୍ୱାଳ, ଆମ୍ବେଦକର ସୋସାଇଟିର ଗଦାଧର ପ୍ରଧାନ, ବିଜେପିର ବିଭୁତି ଭୂଷଣ ପ୍ରଧାନ, ସ୍ୱାଧୀନ ଭାବରେ ହିମାଂଶୁ ଭୂଷଣ ବାରିକ, କଂଗ୍ରେସର ରଞ୍ଜିତ କୁମାର ସାହୁ ଓ ବିଜେଡି ତରଫରୁ ଡକ୍ଟର ନୃସିଂହ ଚରଣ ସାହୁ ମୋଟ ୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କାମାକ୍ଷାନଗରରେ ସ୍ୱାଧୀନ ଭାବରେ ମହେଶ୍ୱର ସାହୁ, ପ୍ରଶାନ୍ତ କୁମାର ସେଠୀ, ତୁଳସୀ ସାହୁ, ପ୍ରେମାନନ୍ଦ ବେହେରା, ବିଜେପିର ଶତ୍ରୁଘ୍ନ ଜେନା, ବିଜେଡିର ପ୍ରଫୁଲ୍ଲ କୁମାରମଲ୍ଲିକ ଓ କଂଗ୍ରେସର ବିପ୍ରବର ସାହୁ ମୋଟ ୭ଜଣ ପ୍ରାର୍ଥୀ ନର୍ବାଚନରେ ରହିଛନ୍ତି। ଲୋକସଭା ସହିତ ବିଧାନସଭା ନିର୍ବାଚନ ମଇ ୨୫ ଶନିବାର ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ଜୁନ ୪ରେ ଭୋଟ ଗଣତି କରାଯିବ ବୋଲି ଜଣାପଡ଼ିଛି। ଚଳିତ ନିର୍ବାଚନରେ ମୋଟ ୧୩ ଲକ୍ଷ ୮ ହଜାର ୧୮୨ଜଣ ଲୋକଙ୍କ ମଧ୍ୟରୁ ୯ଲକ୍ଷ ୬୬ ହଜାର ୨୯୭ଜଣ ଭୋଟର ମତ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ମହିଳାଙ୍କ ସଂଖ୍ୟା ୪ଲକ୍ଷ ୬୮ହଜାର ୨୨୦ ହୋଇଥିବା ବେଳେ ପୁରୁଷମାନଙ୍କ ସଂଖ୍ୟା ୪ ଲକ୍ଷ ୯୯ ହଜାର୬ ଜଣ ବୋଲି ଜଣାପଡ଼ିଛି। ଭୋଟରମାନଙ୍କ ମଧ୍ୟାରେ ତୃତୀୟ ଲିଙ୍ଗୀ ୭୧ଜଣ, ଦିବ୍ୟାଙ୍ଗ ୧୫ ହଜାର ୭୯୦ଜଣ, ୧୦ ହଜାର ୩୩୮ଜଣ ବରିଷ୍ଠ ନାଗରିକ ଭୋଟର ରହିଛନ୍ତି।

# ଶ୍ରୀଜଗନ୍ନାଥ ନାମଯଜ୍ଞ ଓ ପ୍ରବଚନ ଉଦ୍‌ଯାପିତ



ଢେଙ୍କାନାଳ, ୨୩।୫(ସମିସ) : ଢେଙ୍କାନାଳ ସହର ଉପକଣ୍ଠ ମଙ୍ଗଳପୁର ଗ୍ରାମର ମଜୁରୀ ଛକଠାରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ନାମଯଜ୍ଞ ଓ ପ୍ରବଚନ ଉଦ୍ଯାପିତ ହୋଇଯାଇଛି। ଓଡ଼ିଶାର ସୁନାମଧନ୍ୟ କୁନି ପ୍ରବଚକ କେଶବ ଦାଶ ଦ୍ୱିତୀକୃଷ୍ଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଷୟରେ ପ୍ରତ୍ୟେକ ଦିନ ପ୍ରବଚନ ଦେଇଥିଲେ। ମହାପ୍ରଭୁଙ୍କର ଏହି ଦିବ୍ୟ କଥାମୃତକୁ ଶୁଣି ବିଭୁକୃପା ଲାଭ କରିବା ପାଇଁ ଆଖପାଖ ଅଞ୍ଚଳର ତଥା ଢେଙ୍କାନାଳ ସହରର ବହୁ ଭକ୍ତଙ୍କର ସମାଗମ ହୋଇଥିଲା। ଏହି ଉତ୍ସବକୁ ଆଚାର୍ଯ୍ୟ ପ୍ରସନ୍ନ କୁମାର ଦାଶ ଓ ତାଙ୍କ ସହକର୍ମୀମାନେ ଯଜ୍ଞ ଉଦ୍ଯାପନ କରିଥିଲେ। ଅପରାହ୍ନରେ ବାଳଭୋଗ ହୋଇଥିଲା। ଏହି ପ୍ରସାଦ ଗ୍ରାମର ସମସ୍ତ ଆବାଳ ବୃଦ୍ଧ ବନିତା ପ୍ରସାଦ ସେବନ କରିଥିଲେ ଏବଂ ରାତ୍ର ସମୟରେ ଶେଷ ଦିବସର ପ୍ରବଚନ କାର୍ଯ୍ୟ ହୋଇଥିଲା। ଏହି ଦୁଇଦିନ ପ୍ରବଚକ ଶୁକଦେବ ମହାରଣା ନୟାଗଡ଼ କୁରାଳରୁ ଆସି ପ୍ରବଚନ ଦେଇଥିଲେ। ଉକ୍ତ ମଞ୍ଚକୁ ଉଦ୍‌ବୋଧନ ଦେବା ସହିତ ପ୍ରବଚନ କର୍ମର ଦଳପତି ତଥା କର୍ମକର୍ତ୍ତାମାନଙ୍କୁ ଗ୍ରାମର ସଭାପତି କୀର୍ତ୍ତିଚନ୍ଦ୍ର ଦାସ, ଜଗନ୍ନାଥ ପଞ୍ଚରାତ୍ର କମିଟିର ଦଳପତି ପ୍ରଶାନ୍ତ କୁମାର ପରିଡ଼ା, ଭାସ୍କର ଚନ୍ଦ୍ର ସ୍ୱାଇଁ, ପୁଷ୍ପଲତା ସ୍ୱାଇଁ, ଜୟନ୍ତୀ ବରାଳ, ସଫଳା ଦାସ, କୈକେଇ ସ୍ୱାଇଁ, ପଞ୍ଚେଇ ସାହୁ, ସାରଙ୍ଗଧର ଦାସ, ନିମେଇ ନାୟକ, ଜଳଧର ସାହୁ, ପ୍ରମୋଦ ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପାଣ୍ଡବ ଦାସ, ଭାରତ ଦାସ, ବଲ୍ଲଭ ଚନ୍ଦ୍ର ଦାସ, ମାନସ ପ୍ରଧାନ, ପବିତ୍ର ମୋହନ ଦାସ, ପ୍ରଶାନ୍ତ କୁମାର ସ୍ୱାଇଁ, ଜିତେନ୍ଦ୍ର ସେନାପତି ଓ ସଦାଶିବ ମହାନ୍ତି ପ୍ରମୁଖଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନା ହୋଇଥିଲା।

**ଅନୁଗୋଳରେ ଆଇନଜୀବୀ ସମ୍ମିଳନୀ**

# 'ମୁଖ୍ୟମନ୍ତ୍ରୀଙ୍କ ଯୋଗୁଁ ଆଇନଜୀବୀ କର୍ପସ ଫଣ୍ଡ ୧୦ କୋଟି ହୋଇଛି'

**ଅନୁଗୋଳ, ୨୩।୫(ସମିସ)**

ନିଖିଳ ଓଡିଶା ଆଇନଜୀବୀ ସଂଘ (ଓଲା)ପକ୍ଷରୁ ସ୍ଥାନୀୟ ଶିକ୍ଷକପଡ଼ାସ୍ଥିତ ଶାନ୍ତି ରେସିଡେନ୍ସୀ ଠାରେ ଆଇନଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂଘର ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଂଘର ସାଧାରଣ ସମ୍ପାଦକ ସଂଜିତ କୁମାର ମହାନ୍ତି, ସମ୍ପାଦକ ମନୋରଞ୍ଜନ ମହାନ୍ତି, ଅନୁଗୋଳ ଓକିଲ ସଂଘର ସଭାପତି ଦିଲ୍ଲୀପ କୁମାର ସାହୁ, ଉପସଭାପତି ଶିବାଶିଷ କର, ଆଠମଲ୍ଲିକ ଓକିଲ ସଂଘର ଉପସଭାପତି ଉଗ୍ରସେନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଜ୍ଞାନ ରଞ୍ଜନ ମହାନ୍ତି ତାଙ୍କ ଭାଷଣ ପ୍ରସଙ୍ଗରେ କହିଲେ ଯେ, ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ସମସ୍ତ ଆଇନଜୀବୀଙ୍କ ପାଇଁ କାର୍ପସ ଫଣ୍ଡ ୫ କୋଟିରୁ ୧୦ କୋଟି ହୋଇପାରିଲା। ରାଜ୍ୟ ସରକାରଙ୍କ ସହାୟତାରେ ନିର୍ବାଚନ ପରେ ରାଜ୍ୟର ସମସ୍ତ ଆଇନଜୀବୀଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଯ୍ୟକାରୀ ହେବ। ନବୀନ ପଟ୍ଟନାୟକଙ୍କ ସରକାର ଆଇନଜୀବୀମାନଙ୍କ ବିଭିନ୍ନ ଦାବିକୁ ଗୋଟିଏ ପରେ ଗୋଟିଏ ପୂରଣ କରୁଛନ୍ତି। ରାଜ୍ୟ ସରକାର ଆମ ସହିତ ଅଛନ୍ତି, ତେଣୁ ଆଇନଜୀବୀଙ୍କ ସ୍ୱାର୍ଥସାଧନ ପାଇଁ ଆମ ସଂଘ ମଧ୍ୟ ନବୀନ ବାବୁଙ୍କ ପାଖରେ ରହିଛି। ଓଡିଶାରେ ଆଇନଜୀବୀଙ୍କ ସ୍ୱାଧୀନତା ନାହିଁ, ଆଇନଜୀବୀଙ୍କ ନାମରେ ହୋଇଥିବା ମକଦ୍ଦମା ପ୍ରତ୍ୟାହାର ନିମନ୍ତେ ସୁପ୍ରିମ କୋର୍ଟରେ ପ୍ରାର୍ଥନା କରାଯିବ ଏବଂ ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଆଇନଜୀବୀଙ୍କ ପାଇଁ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଆଇନଗତ ଆଶ୍ରୟ ନିଆଯିବ। ସଂଘର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅନୁଗୋଳ ଓକିଲ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ହିମାଂଶୁ ଭୂଷଣ ସାମଲ, ଦ୍ୱାରିକା ପ୍ରସାଦ ନନ୍ଦ, ରମେଶ ଚନ୍ଦ୍ର ସାହୁ, ବିଭୁତି ଭୂଷଣ ଦାଶ, ପ୍ରଭାକର ବିଶୋଇ, ପୁରନ୍ଦର ସାହୁ, ସୁନୀଲ କୁମାର ସାହୁ, ବସନ୍ତ ପଟ୍ଟନାୟକଙ୍କ ସମେତ ସମଗ୍ର ଜିଲ୍ଲାରୁ ଶତାଧିକ ଆଇନଜୀବୀ ଯୋଗ ଦେଇଥିଲେ। ଆଇନଜୀବୀ ପାର୍ଥ ସାରଥୀ ପ୍ରଧାନ, ସୌର ପ୍ରସାଦ ମହାନ୍ତି, କୁଶ ସାହୁ, କୋବିଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଆଠମଲ୍ଲିକ ଓକିଲ ସଂଘର ସଭାପତି ତଥା ଓଲାର ସମ୍ପାଦକ ସୁଶାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

- ନିର୍ବାଚନ ପରେ ଆଇନଜୀବୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା କାର୍ଯ୍ୟକାରୀ ହେବ
- ରାଜ୍ୟରେ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରାଯିବ





# ସରିଲା ନିର୍ବାଚନ ପ୍ରଚାର; ଆରମ୍ଭ ହେଲା ଛକାପଞ୍ଝା

**ତାଳଚେର ସଦର, ୨୩।୫(ସମିସ):** ସାଧାରଣ ନିର୍ବାଚନ ଆଗାମୀ ୨୫ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ବେଳେ ଆଜି (ଗୁରୁବାର) ସନ୍ଧ୍ୟା ୬ଟା ସମୟରୁ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଏହାପର ଠାରୁ ଅନୁଗୋଳ ଜିଲ୍ଲାରେ ୧୪୪ଧାରା ଲାଗୁ କରାଯାଇଛି। ଗୁରୁବାର ସନ୍ଧ୍ୟା ୬ଟାରୁ ଭୋଟଗ୍ରହଣ ଶେଷ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ଓ ଏହି ସମୟରେ କୌଣସି ସ୍ଥାନରେ ବୈଠକ, ଶୋଭାଯାତ୍ରା କିମ୍ବା ୫ରୁ ଅଧିକ ଲୋକ ଏକାଠି ହୋଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। ପୁନଶ୍ଚ ବାହାର ଜିଲ୍ଲାର ବ୍ୟକ୍ତି ମଧ୍ୟ ଏଠାରେ ରହିପାରିବେ ନାହିଁ ବୋଲି କୁହାଯାଇଛି। ଭୋଟଗ୍ରହଣ ଦିନ ପ୍ରାର୍ଥୀ ଓ ସେମାନଙ୍କ ଗାଡ଼ି ବ୍ୟବହାର ନେଇ କଟକଣା ଲାଗାଯାଇଛି। ଆଜି ଦିନ ୧୨ଟା ଠାରୁ ସମସ୍ତ ବିଦେଶୀ ମଦ ଦୋକାନ ବନ୍ଦ ରହିବାକୁ ନିର୍ଦ୍ଦେଶନାମା ଜାରି ରହିଛି।

# ଭୋଟ୍ ପୂର୍ବରୁ ଚେକିଂ ସହ ପାଟ୍ରୋଲିଂ ଜୋରଦାର

ଗଁଦିଆ, ୨୩।୫(ସମିସ) : ନିର୍ବାଚନ ଅବ୍ୟବହିତ ପୂର୍ବରୁ ଗଁଦିଆ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ୨୫ତାରିଖରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ଉକ୍ତ ବ୍ଲକରେ କିପରି ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହେବ, ତାହା ଉପରେ ବିଶେଷ ଗୁରୁତ୍ୱ ଦେଇଛି। ଉକ୍ତ ଥାନା ଅଧୀନରେ ଥିବା ମଦ ଦୋକାନଗୁଡିକ ବନ୍ଦ ରହିଥିବା ସ୍ଥଳେ ଚୋରାରେ ମଦବିକ୍ରି ରୋକିବାକୁ ବିଭିନ୍ନ ସ୍ଥାନଗୁଡିକରେ ଖାନତାଲାସୀ ଜାରି ରହିଛି। ତତସହିତ ଛକ ସ୍ଥାନଗୁଡିକରେ ଅଯଥା ଗହଳି ନକରିବାକୁ ପୁଲିସ ପକ୍ଷରୁ ଜନସାଧାରଣଙ୍କୁ ସଚେତନତା କରାଯାଉଛି। ରାସ୍ତାରେ ଯାଉଥିବା ଯାନବାହାନ ଗୁଡିକୁ ବ୍ୟାପକ ଭାବରେ ଯାଞ୍ଚ କରାଯାଉଛି। କପିଳାସ ଛକଠାରୁ ମଦାର, ଚଟିଘର ଚେକ ପୋଷ୍ଟ, ଷଡ଼ଙ୍ଗୀ ଓ ଯୋରନ୍ଦା ଠାରୁ କରମୂଳ ପର୍ଯ୍ୟନ୍ତ ଦିନ ରାତି ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଗଁଦିଆ ଥାନା ଅଧିକାରୀ ସଲିଳ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗଁଦିଆ ପୁଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଜାରୀ ରହିଛି। ନିର୍ବାଚନ ପୂର୍ବରୁ ଯେପରି କୌଣସି ସ୍ଥାନରେ ବିଶୃଙ୍ଖଳା ନଘଟେ ସେଥିପ୍ରତି ପୁଲିସ ତରଫରୁ କଡ଼ା ନଜର ରହିଛି। ନିହଲପ୍ରସାଦ ପୁଲିସ ପକ୍ଷରୁ ନିର୍ବାଚନକୁ ନେଇ ବ୍ୟାପକ ବନ୍ଦୋବସ୍ତ ହୋଇଛି। ଥାନା ଅଧିକାରୀ କାଶୀନାଥ ହାଁସଦାଙ୍କ ନେତୃତ୍ୱରେ ଦିଗାମ୍ବରପୁର ପଞ୍ଚାୟତ ଠାରୁ ଆରମ୍ଭ କରି ସମୁଦାୟ ୧୧ଗୋଟି ପଞ୍ଚାୟତରେ ଆଇନ ଶୃଙ୍ଖଳା ଉପରେ କଡ଼ା ନଜର ରହିଛି। ଉକ୍ତ ଥାନା ଅନ୍ତର୍ଗତ ଯାଜପୁର ଜିଲ୍ଲାର ସୀମାନ୍ତ ଅଞ୍ଚଳଗୁଡିକରେ ପୁଲିସ ପକ୍ଷରୁ ୨୪ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯିବା ସହିତ ରାସ୍ତାରେ ଯାଉଥିବା ଗାଡ଼ିଗୁଡିକର ଯାଞ୍ଚ କାର୍ଯ୍ୟ ଜାରିରହିଛି। ବିଶେଷ କରି ଉକ୍ତ ଅଞ୍ଚଳରେ ଚୋରା ଦେଶୀମଦକୁ ରୋକିବା ପାଇଁ ଅବକାରୀ ବିଭାଗ ସହିତ ପୁଲିସ ମିଳିତ ଭାବରେ ଚଢ଼ଉ କରିଛି।

## ଜଗତସିଂହପୁର ଜିଲ୍ଲାରେ ବିଜେଡିର ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ମାରାଥନ୍ ପ୍ରଚାର

# 'ବିଜେପିର ଆତ୍ମବିଶ୍ୱାସ ଭାଙ୍ଗିଛି, ବାହାରୁ ମୁଖ୍ୟମନ୍ତ୍ରୀ ଆଣିଲେ ମଧ୍ୟ କାମ ଦେଉନି'







**ଜଗତସିଂହପୁର ,୨୩।୫ (ସମିସ):** ବିଜେପି ଅନ୍ୟ ରାଜ୍ୟରୁ ଅଧା ଡର୍ଜନ ମୁଖ୍ୟମନ୍ତ୍ରୀ ଆଣି ନିର୍ବାଚନ ପାଇଁ ପ୍ରଚାର କାମରେ ଲଗାଇଛି। ସମସ୍ତେ ଲାଗି ପଡିଛନ୍ତି , ଏଥର ନବୀନ ପଟ୍ଟନାୟକଙ୍କୁ ଦୂରେଇ ଦେବେ । ମାତ୍ର ଆସନ୍ତା ୯ ତାରିଖରେ ହିଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ । ବିଜେପିର ଆତ୍ମ ବିଶ୍ୱାସ ଭାଙ୍ଗିଛି। ବାହାରୁ ଆସିଥିବା ମୁଖ୍ୟମନ୍ତ୍ରୀମାନେ ବୁଲି ବୁଲି ଇଞ୍ଜେକସନ ଦେଉଛନ୍ତି । ହେଲେ ଏହା କିଛି କାମକରୁନି ବୋଲି ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିୟାନ ଗୁରୁବାର ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାଉଗାଁ ଠାରେ ଅନୁଷ୍ଠିତ ନିର୍ବାଚନ ସଭାରେ ବିଜେପିକୁ କଡା ସମାଲୋଚନା କରିବା ଅବସରରେ ପ୍ରକାଶ କରିଛନ୍ତି।

ଶ୍ରୀ ପାଣ୍ଡିଆନ ଆହୁରି କହିଲେ ଯେ, ଶ୍ରୀ ମନ୍ଦିରରେ ଭଲ କାମ ହୋଇଛି। ଏହାକୁ ଦେଖି ବିଜେପି ସହି ପାରୁନି, ଇର୍ଷା କରୁଛି। ବିଜେପି ନେତାମାନେ ଅପପ୍ରଚାରରେ ଲାଗି ପଡିଛନ୍ତି। ସେମାନେ ଲୋକଙ୍କ ନିକଟରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଜଗତସିଂହପୁର ର ପଡୋଶୀ ଜିଲ୍ଲାରେ ବହୁ କୁମ୍ଭୀର ଅଛନ୍ତି। ସେମାନେ ଯେପରି କାନ୍ଦନ୍ତି ବିଜେପି ନେତା ମାନେ ସେହିପରି କାନ୍ଦୁଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆସନ୍ତା ୧୦ ବର୍ଷ ମଧ୍ୟରେ ଓଡିଶାରେ ସୁବର୍ଣ୍ଣ ଯୁଗ ହେବ। ମୁଖ୍ୟମନ୍ତ୍ରୀ ନୂଆ ଓଡିଶା ଓ ସଶକ୍ତ ଓଡିଶା ଗଠନ କରିବେ ବୋଲି ସେ କହିଥିଲେ। ଜଗତସିଂହପୁରରେ ମା' ଶରଳାଙ୍କ ମନ୍ଦିର ରୂପାନ୍ତରଣ, ବିଭିନ୍ନ ଉନ୍ନୟନ ପ୍ରକଳ୍ପରେ ପୁଞ୍ଜି ନିବେଶ ସହିତ ୫-ଟି ସ୍କୁଲ , ମିଶନଶକ୍ତି, କାଳିଆ ଯୋଜନା , ଲକ୍ଷ୍ମୀ ଯୋଜନା ପ୍ରଭୃତି ବିଜେଡି ସରକାର କରିଛନ୍ତି। ନାଉଗାଁରେ ଥିବା ଜଳସେଚନ ସମସ୍ୟା ଓ ଡାକ୍ତରଖାନା ସମସ୍ୟାର ସମାଧାନ ହେବ ବୋଲି କହିଥିଲେ। ଏଥିପାଇଁ ଜଗତସିଂହପୁର ବିଧାୟକ ପ୍ରାର୍ଥୀଙ୍କୁ ୫୦ ହଜାର ଭୋଟ ବ୍ୟବଧାନରେ ଜିତାଇବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବାର ପ୍ରଥମ ଦିନରେ ନବୀନ ପଟ୍ଟନାୟକ ବିଜୁଳି ବିଲ ଛାଡ କରିବେ। ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ସମସ୍ତେ ସାମିଲ ହେବେ। ମିଶନଶକ୍ତି ମା' ମାନଙ୍କୁ ୬୦ ବର୍ଷ ପରେ ପେନସନର ବ୍ୟବସ୍ଥା ହେବ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ। ମୁଖ୍ୟମନ୍ତ୍ରୀ ୨୪ ଘଣ୍ଟା ଲୋକଙ୍କ ପାଇଁ କାମ କରୁଛନ୍ତି। ନବୀନଙ୍କୁ ଆଶିର୍ବାଦ କରିବାକୁ ଏବେ ସୁଯୋଗ ମିଳିଛି ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ। ଏଥିରେ ପୂର୍ବତନ ବିଧାୟକ ଚିରଞ୍ଜୀବୀ ବିଶ୍ୱାଳ, ସାଂସଦ ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରଶାନ୍ତ ମୁଦୁଲି ବକ୍ତବ୍ୟ ରଖି ଷଷ୍ଠ ଥର ପାଇଁ ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ବିଜେଡିକୁ ଭୋଟ ଦେବାକୁ କହିଥିଲେ।



# 'ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏକ ନମ୍ବର'





### ଆମ୍ବଶାଳରେ ନିର୍ବାଚନୀ ସଭା

**ବାଲିକୁଦା,୨୩।୫(ସମିସ):** ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ବାଲିକୁଦା ବ୍ଲକ ଆମ୍ବଶାଳ ପଞ୍ଚାୟତସ୍ଥ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଆଜି ମଧ୍ୟାହ୍ନରେ ବିଜେଡିର ଷ୍ଟାରପ୍ରଚାରକ ଭିକେ ପାଣ୍ଡିଆନ ପହଞ୍ଚି ବାଲିକୁଦା ଏରସମା ରେ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ମୋହର ମାରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଆସନରେ ଅଳଙ୍କୃତ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।ଆଜି ମଧ୍ୟାହ୍ନରେ ଶ୍ରୀ ପାଣ୍ଡିଆନ ହେଲିକପ୍ଟର ଯୋଗେ ମିନି ଷ୍ଟାଡିୟମ ପରିସରରେ ପହଞ୍ଚିପ୍ରଥମେ ଉପସ୍ଥିତ ଥିବା ହଜାର ହଜାର ଜନସାଧାରଣଙ୍କ ନିକଟକୁ ଯାଇ ପ୍ରଣାମ କରିବା ସହ ସେମାନଙ୍କ ସହ କରମର୍ଦ୍ଦନ କରିଥିଲେ। ଏହି ସମୟରେ ବହୁ ଶୁଭେଚ୍ଛୁ ଶ୍ରୀ ପାଣ୍ଡିଆନଙ୍କ ସହିତ ସେଲଫି ମଧ୍ୟ ନେଇଥିଲେ।ପରେ ସଭାମଞ୍ଚକୁ ଯାଇ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ଦଳୀୟ ପ୍ରାର୍ôଥ ସାରଦା ପ୍ରସନ୍ନ ଜେନା ଓ ଜଗତସିଂହପୁର ସଂସଦୀୟ କ୍ଷେତ୍ରର ଦଳୀୟ ପ୍ରାଥି ଡ଼ ରାଜଶ୍ରୀ ମଲ୍ଲିକଙ୍କୁ ବିପୁଳ ସଂଖ୍ୟାରେ ମୋହର ମାରି ଜିତାଇବାପାଇଁ ଉପସ୍ଥିତ ଲୋକ ମାନଙ୍କୁ ନିବେଦନ କରିଥିଲେ।ଶ୍ରୀ ପାଣ୍ଡିଆନ ତାଙ୍କ ବକ୍ତବ୍ୟରେ ବିଜେପି ସରକାର ବିଭିନ୍ନ ରାଜ୍ୟରୁ ମୁଖ୍ୟମନ୍ତ୍ରୀ ମାନଙ୍କୁ ଆଣି ଓଡ଼ିଶାକୁ ଏକ ନଂ କରିବା ପାଇଁ ପ୍ରଚାର କରୁଛନ୍ତି।କିନ୍ତୁ ସେମାନେ ଜାଣି ନାହାନ୍ତି ଯେ ଓଡିଶାର ମୁଖ୍ୟମନ୍ତ୍ରୀ ଏକ ନମ୍ବର ଓ ଓଡ଼ିଶା ସବୁବେଳେ ଏକ ନମ୍ବର। ନବୀନ ସରକାର ଲୋକମାନଙ୍କୁ ୧୦୦ୟୁନିଟ ବିଜୁଳି ମାଗଣା ଦେବାକୁ କହିଥିବା ବେଳେ ବିଜେପି ସରକାର ଲୋକମାନଙ୍କୁ ଟଙ୍କା ଖର୍ଚ୍ଚ କରି ସୋଲାର ପ୍ଲେଟ ଲଗାଇ ମାଗଣା ବିଜୁଳି ଦେବା କଥା କହୁଛନ୍ତି।ଏଥି ସହିତ ନବୀନ ସରକାର ମା' ମାନଙ୍କୁ ସମ୍ମାନ ଜଣାଇ ମିଶନଶକ୍ତି ମା ମାନଙ୍କୁ ପେନସନ ଯୋଜନାରେ ସାମିଲ କରିବା, ଏବଂ ବିଜୁସ୍ୱାସ୍ଥ୍ୟ କାର୍ଡ ଯୋଜନାରେ ଆମ ରାଜ୍ୟର ଲୋକମାନେ ଓଡିଶା ସମେତ ଓଡ଼ିଶା ବାହାରେ ୧୮ଟି ରାଜ୍ୟର ବଡ଼ ବଡ଼ ବେସରକାରୀ ଚିକିତ୍ସାଳୟରେ ଉନ୍ନତ ଚିକିତ୍ସା ସୁବିଧା ପାଇ ପାରୁଛନ୍ତି ବୋଲି ସେ କହିଥିଲେ।ଏହି ସଭାରେ ଉପସ୍ଥିତ ବିଧାୟକ ପ୍ରାର୍ôଥ ସାରଦା ପ୍ରସନ୍ନ ଜେନା ଓ ସାଂସଦ ପ୍ରାର୍ôଥନୀ ଡ଼ ରାଜଶ୍ରୀ ମଲ୍ଲିକ ଉପସ୍ଥିତ ଜନସାଧାରଣଙ୍କୁ ନବୀନ ସରକାରଙ୍କ ବିଭିନ୍ନ ଲୋକପ୍ରିୟ ଯୋଜନା ସମ୍ପର୍କରେ କହିବା ସହ ସେମାନଙ୍କୁ ଶଙ୍ଖ ରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ।ଏହି ସଭା ମଞ୍ଚରେ ବାଲିକୁଦା ଏରସମା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମକୁ ବାଲିକୁଦା ବ୍ଲକ ସଭାପତି ରତ୍ନାକର ନାୟକ, ବ୍ଲକ ଯୁବ ସଭାପତି ଶୁଭେନ୍ଦ୍ର ଦାସ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ,ଜିଲ୍ଲାପରିଷଦ ଜଟାଧାରୀ ଦାସ, ଡଲି ପଣ୍ଡା, ରୁନିଲତା ବେହେରା, ତଟିନା ସ୍ୱାଇଁ, ବ୍ଲକ ସଭାନେତ୍ରୀ ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ,ରାଜ୍ୟ ଛାତ୍ର ସଂସଦ ସମ୍ପାଦକ ପ୍ରକାଶ ଦଳାଇ, ଜିଲ୍ଲା ଯୁବ ସଭାପତି ସୌମ୍ୟାଜିତ ମହାପାତ୍ର, ବ୍ଲକ ଛାତ୍ର ସଭାପତି ଆକାଶ ମହାନ୍ତି ଓ ଏରସମା ବ୍ଲକର ରାଣୀ ଟୁଡୁ, ପୀତବାସ ଗୋଛାୟତ,ପାର୍ଥ ସାରଥୀ ରାଉତ, ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ସହ ନିର୍ବାଚନମଣ୍ଡଳୀର ସମସ୍ତ ଛାତ୍ର, ଯୁବ ନେତା, ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବିଜୁ ମଇଦାନ ପାଲଟିଲା ଜନସମୁଦ୍ର; ସମାବେଶ ଦେଖି ବିରୋଧୀ ଛାନିଆ







**ପାରାଦୀପ, ୨୩।୫ (ସମିସ):** ଆଜି ପାରାଦୀପ ବିଜୁ ମଇଦାନରେ ନିର୍ବାଚନ ପ୍ରଚାର କରିଛନ୍ତି ଭି କେ ପାଣ୍ଡିଆନ।ଅପରାହ୍ନରେ ମେରାଇନ ରୋଡଠାରେ ଅସ୍ଥାୟୀ ହେଲିପ୍ୟାଡ ରେ ଅବତରଣ କରିବା ପରେ ଜନ ସମୁଦ୍ର ପାଲଟିଥିବା ସଭା ମଞ୍ଚ ନିକଟରେ ପହଞ୍ଚିଥିଲେ।ପ୍ରଥମେ ସାଂସଦ ଓ ବିଧାୟକ ପ୍ରାର୍ଥିନୀ ନିଜ ନିଜ ସ୍ୱଳ୍ପ ବକ୍ତବ୍ୟ ରଖିବା ପରେ ଆୟୋଜିତ ବିରାଟ ଜନ ସଭାରେ ସମ୍ବୋଧିତ କରିବାକୁ ଯାଇ ପାଣ୍ଡିଆନ ପ୍ରଥମେ ପଚାରି ଥିଲେ ଆପଣ ମାନେ ବିଜୁ ବାବୁଙ୍କୁ ଭଲ ପାଆନ୍ତି ତ, ସେ ଭଲ କାମ କରିଛନ୍ତି କି ? ତାଙ୍କୁ ଆଶୀର୍ବାଦ କରିବେ।ଶଙ୍ଖ ଚିହ୍ନ ରେ ଭୋଟ ଦେଇ ଆଶୀର୍ବାଦ କରିବେ। ମଞ୍ଚରେ ଉପସ୍ଥିତ ଥିବା ଦୁଇ ମହିଳା ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ଆପଣ ମାନେ ଆଶୀର୍ବାଦ କରନ୍ତୁ।ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ।ମହାପ୍ରଭୁଙ୍କ ଆଶ୍ରୀର୍ବାଦରେ ପୁଣି ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଷଷ୍ଠ ଥର ପାଇଁ ଶପଥ ନେବେ।ସାରା ଓଡିଶାବାସୀ ଗୋଟିଏ ସ୍ୱରରେ କହୁଛନ୍ତି ନବୀନ ବାବୁ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ପୁନର୍ବାର ଶପଥ ନେବେ।ଆମ ପ୍ରିୟ ମୁଖ୍ୟମନ୍ତ୍ରୀ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି।ଏଥିପାଇଁ ସାରା ରାଜ୍ୟରେ ଲୋକେ ତାଙ୍କୁ ଏଥର ବି ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ଚିନ୍ତା କରିଛନ୍ତି।କେଉଁ ତାରିଖରେ ସେ ଶପଥ ନେବେ ବୋଲି ପଚାରିଥିଲେ।ଉପସ୍ଥିତ ଲୋକେ ଜୁନ ୯ ତାରିଖରେ ବୋଲି କହିଥିଲେ।ତେବେ ଗୀତାଞ୍ଜଳି ଆଉ ରାଜଶ୍ରୀ ଦୁଇ ଭଉଣୀଙ୍କୁ କେତେ ବ୍ୟବଧାନ ଭୋଟ ରେ ଜିତାଇବେ ବୋଲି ପଚାରିଥିଲେ।ଉପସ୍ଥିତ ଲୋକେ ୫୦ ହଜାର ବ୍ୟବଧାନ ଭୋଟ ରେ ଜିତାଇବାକୁ କହିଥିଲେ।ତେବେ ଲୋକ ମାନଙ୍କ କଥାରେ ରାଜି ହୋଇ ସେ ସେତିକି ବ୍ୟବଧାନରେ ଜିତାଇବା ନେଇ ସହମତି ପ୍ରକାଶ କରିଥିଲେ।ନବୀନ ବାବୁଙ୍କ ଚିହ୍ନ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ୯ ତାରିଖରେ ଶପଥ ନେବା ପରେ ପ୍ରଥମ ଦସ୍ତଖତ ମାଗଣା ବିଦ୍ୟୁତ, ଅର୍ଥାତ ଜୁଲାଇ ମାସରୁ ବିଦ୍ୟୁତ ବିଲ ଆଉ ଆସିବନି, ଏଥିରେ ୯୦ ପ୍ରତିଶତ ଲୋକେ ଉପକୃତ ହେବେ ବୋଲି କହିଥିଲେ।ଦ୍ୱିତୀୟରେ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ, ଯେଉଁମାନଙ୍କର ନାହିଁ ସମସ୍ତଙ୍କୁ ଆମ ମୁଖ୍ୟମନ୍ତ୍ରୀ କାର୍ଡ ଦେବେ।ତୃତୀୟରେ ମିଶନ ଶକ୍ତି ବରିଷ୍ଠ ମହିଳାମାନଙ୍କ ପାଇଁ ଭତ୍ତା ବା ପେନସନ ଯୋଜନା ଲାଗୁ କରାଯିବା ନେଇ ଦୃଢୋକ୍ତି ପ୍ରକାଶ କରିଥିଲେ।ଯାହାକି ଓଡିଶାକୁ ରୂପାନ୍ତରିତ କରିବା ସହିତ ସଶକ୍ତ ବି କରିବ।ଓଡିଶା ବାସୀ ଏଥିରେ ଖୁସି ହେବେ, ସେମାନଙ୍କ ମୁହଁରେ ହସ ଫୁଟିବ ବୋଲି ପାଣ୍ଡିଆନ କହିଥିଲେ।ଆପଣମାନଙ୍କ ଆଶୀର୍ବାଦ ଏହି ଦୁଇ ଭଉଣୀଙ୍କ ପାଇଁ ରହିବ।ଆପଣ ମାନେ ବିଜୁ ବାବୁଙ୍କୁ ଯେତିକି ଭଲ ପାଉଥିଲେ ନବୀନ ବାବୁଙ୍କୁ ସେତିକି କିମ୍ବା ଆଉ ଟିକେ ଅଧିକ ଭଲ ପାଇବେ।ମୁଖ୍ୟମନ୍ତ୍ରୀ କୁଜଙ୍ଗକୁ ଏନଏସି ଘୋଷଣା କରିଛନ୍ତି, ଆପଣଙ୍କ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି, ଆଉ ଯେଉଁ ସବୁ ଉନ୍ନତି ଦରକାର ପଡିବ ସବୁ ପୂରଣ କରାଯିବ।ପାରାଦୀପ ଓଡିଶାର ଅର୍ଥନୀତିକ ମେରୁଦଣ୍ଡ କହିଲେ ଅତୁକ୍ତି ହେବ ନାହିଁ।ଯଦି ଆମେ ନୂଆ ଓଡିଶା ଗଠନ କରିବାର ଅଛି ତେବେ ଏଠିକୁ ବହୁ ପୁଞ୍ଜି ନିବେଶ ମୁଖ୍ୟମନ୍ତ୍ରୀ ଆଣୁଛନ୍ତି।ବହୁ ପରିମାଣର ରୋଜଗାର ମିଳିବ।ଅଞ୍ଚଳର ଉନ୍ନତି ହେବ।ଆପଣଙ୍କ ପିଲାମାନେ ଶିଳ୍ପ ସଂସ୍ଥା ରେ ନିଯୁକ୍ତି ପାଇବେ।ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ।ସମସ୍ତେ ଲାଗିପଡି ବିଜେଡି କୁ ଜିତାଇବେ।ଆପଣ ମାନଙ୍କ ସମସ୍ୟା ନେଇ ଯେଉଁସବୁ ଦରଖାସ୍ତ ଦେଇଛନ୍ତି ସବୁ ଗୁଡିକୁ ସରକାର ଗଠନ ହେବାର ୭ ଦିନ ଭିତରେ ସମାଧାନ କରାଯିବା ନେଇ ପାଣ୍ଡିଆନ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି କହିଥିଲେ।ପୁଣି ଅଞ୍ଚଳରେ ଥିବା ମନ୍ଦିର ଓ ମସଜିଦ ଗୁଡିକର ଉନ୍ନତି କରାଯିବ।ଆଉ ଯେଉଁ ସବୁ ପ୍ରକଳ୍ପ ଦରକାର ପଡିବ ମୁଖ୍ୟମନ୍ତ୍ରୀ ଆପଣଙ୍କ ଲାଗି କରିବେ।ଏନେଇ ଆପଣ ମାନେ ଆଶୀର୍ବାଦ କରିବେକି ବୋଲି ପଚାରି ଥିଲେ।ଉପସ୍ଥିତ ଜନତା ହଁ ମାରିବା ପରେ ଶ୍ରୀ ପାଣ୍ଡିଆନ ଜୟ ଜଗନ୍ନାଥ କହି ସଭାକୁ ସାଙ୍ଗ କରିଥିଲେ।ଶ୍ରୀପାଣ୍ଡିଆନଙ୍କ ସହିତ ଉପସ୍ଥିତ ହଜାର ହଜାର ଜନତା ହାତ ମିଳାଇବା ସହିତ ସେଲ୍ଫି ନେବା ପାଇଁ ବ୍ୟସ୍ତ ହୋଇ ପଡୁଥିବା ଦେଖିବାକୁ ମିଳିଥିଲା। ଶ୍ରୀ ପାଣ୍ଡିଆନ ଜନତାଙ୍କଠାରୁ ମୋବାଇଲ ଆଣି ନିଜେ ତାଙ୍କ ସହିତ ସେଲ୍ଫି ଉଠାଇ ମୋବାଇଲ ଫେରାଇବା ସେଠିକା ପରିବେଶ ପାଇଁ ବେଶ ଆକର୍ଷଣୀୟ ଥିଲା।ଆଜିର ଏହି ବିଶାଳ ଜନ ସଭାରେ ପାରାଦୀପ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ।ବିଶେଷ କରି ଶ୍ରୀ ପାଣ୍ଡିଆନଙ୍କ ନିର୍ବାଚନୀ ସଭାସ୍ଥଳ ସାମ୍ନାରେ ସମ୍ବିତ ରାଉତରାୟ, ପୌରାଧକ୍ଷ ତଥା ବିଜେଡି ନଗର ସଭାପତି ବସନ୍ତ ବିଶ୍ୱାଳ, ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ, ବିଜୁ ଶ୍ରମିକ ସାମ୍ମୁଖ୍ୟ ର କାର୍ଯ୍ୟକାରୀ ସଭାପତି ମୋନିଦିପା ସର୍ଖେଲ, ଜିଲ୍ଲା ଉପସଭାପତି ଜ୍ୟୋତିକାନ୍ତ ପରିଡା, କୁମର ବର ନାୟକ, ଉଲ୍ଲାସ ଚନ୍ଦ୍ର ବିଶ୍ୱାଳ, ରଶ୍ମିରଞ୍ଜନ ପରିଡା, ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର, ସମୀର ବିଶ୍ୱାଳ, ଅନୁପ ସାହାଣୀ, ସୁଢଳ ସ୍ୱାଇଁ, ନାରିନେତ୍ରୀ ସବିତା ମହାପାତ୍ର, ମାନସ ବିଶ୍ୱାଳଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ।

